

# ବିପ୍ଲବୀ କର୍ମୀମାନଙ୍କର କର୍ମ ପଦ୍ଧତି

ଶିବଦାସ ଘୋଷ

# ପ୍ରକାଶକଙ୍କ କଥା

୧୯୭୪ ମସିହାର ଜୁନ୍ ୨ ତାରିଖ ଦିନ କୋଲକାତାର ଫୁଟନାନୀ ହଲରେ ପଶ୍ଚିମବଙ୍ଗ ରାଜ୍ୟ କମିଟିର ଏକ ପରିବର୍ଦ୍ଧିତ ବୈଠକ ଅନୁଷ୍ଠିତ ହୋଇଥିଲା । ଆମ ଦଳର ପ୍ରିୟତମ ନେତା, ଶିକ୍ଷକ, ପଥ ପ୍ରଦର୍ଶକ କମ୍ରେଡ ଶିବଦାସ ଘୋଷ ବିପ୍ଳବୀ ଦଳର କର୍ମୀମାନଙ୍କର କର୍ମପଦ୍ଧତି ସମ୍ପର୍କରେ ଏକ ଆଲୋଚନା କରିଥିଲେ ।

ବର୍ତ୍ତମାନ ପରିସ୍ଥିତିରେ ବିଶ୍ୱ ସାମ୍ରାଜ୍ୟବାଦ ଓ ଭାରତବର୍ଷର ପୁଞ୍ଜିବାଦ ବିରୁଦ୍ଧରେ ଶକ୍ତିଶାଳୀ ଗଣ ଆନ୍ଦୋଳନ ଗଢିତୋଳିବା ସକାଶେ ଉପଯୁକ୍ତ ସାଂଗଠନିକ ପ୍ରସ୍ତୁତି ଗ୍ରହଣ ତଥା ନେତା ଓ କର୍ମୀମାନଙ୍କର ଚରିତ୍ର ଗଠନ ପରିପ୍ରେକ୍ଷୀରେ କମ୍ରେଡ ଶିବଦାସ ଘୋଷଙ୍କର ଏହି ଆଲୋଚନାଟି ଏକ ଦିଗ ନିର୍ଦ୍ଦେଶକାରୀ ଆଲୋଚନା । ଦୈନନ୍ଦିନ ସଂଗ୍ରାମର ପରିଚାଳନା ଓ ବିପ୍ଳବୀ ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ଏହାର ଜରୁରୀ ପ୍ରୟୋଜନକୁ ଅନୁଭବ କରି ଆମେ ଏହାର ଓଡିଆ ଅନୁବାଦ ପ୍ରକାଶ କରୁଛୁ ।

ଅନୁବାଦ ଓ ମୁଦ୍ରଣ କ୍ଷେତ୍ରରେ ସମସ୍ତ ତ୍ରୁଟି ପାଇଁ ଆମେ ଦାୟୀ ।

**୬୧, ଗଙ୍ଗୋତ୍ରୀନଗର, ରୋଡ ନଂ- ୩,**
**ଶିଶୁପାଳଗଡ, ଭୁବନେଶ୍ୱର**
**୨୩.୦୩.୨୦୧୫**

**ଧୂର୍ଜଟୀ ଦାସ**
**ଓଡିଶା ରାଜ୍ୟ କମିଟି**

# ବିପ୍ଳବୀ କର୍ମୀମାନଙ୍କର କର୍ମପଦ୍ଧତି

## ଶିବଦାସ ଘୋଷ

କମ୍ରେଡସ୍,

ଏହି ପରିବର୍ଦ୍ଧିତ ରାଜ୍ୟ କମିଟି ମିଟିଂ(ପଶ୍ଚିମବଙ୍ଗ ରାଜ୍ୟ କମିଟି) ମୂଳତଃ ସାଂଗଠନିକ କ୍ଷେତ୍ରରେ କେତୋଟି ପ୍ରଧାନ ଦୁର୍ବଳତା ଯାହା ପ୍ରାୟ ସର୍ବସ୍ତରରେ ପରିଲକ୍ଷିତ ହେଉଛି ସେଗୁଡିକୁ କିଭଳି ଦୂର କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିବା ପାଇଁ ଆହୂତ ହୋଇଛି । ପାର୍ଟି ଗଢିତୋଳିବା ସଂଗ୍ରାମର ଇତିହାସରେ ଯେଉଁ ସମୟଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସେହି ସମୟରେ ହିଁ ଏହି ଦୁର୍ବଳତାଗୁଡିକ ପରିଲକ୍ଷିତ ହେଉଛି । ବିରୋଧୀ ଶକ୍ତିର ଆମ ଉପରେ ଆକ୍ରମଣ କରିବାର ମନୋଭାବ, ଆମକୁ କୋଣଠେସା କରିବାର ମନୋଭାବ, ଏସବୁ ଯୋଗୁ ଯେଉଁ ଅସୁବିଧାଗୁଡିକ ସୃଷ୍ଟି ହେଉଛି ତାହାର ରାଜନୈତିକ ତାତ୍ପର୍ଯ୍ୟ ସଠିକଭାବେ ବୁଝି ନ ପାରିବା ଫଳରେ ବା ଏଗୁଡିକ ଦ୍ୱାରା ବିଭ୍ରାନ୍ତ ନ ହେଲେ ଏକଥା ଭାବିବାର କୌଣସି କାରଣ ନାହିଁ ଯେ, ସମୟଟି ଆମ ପାଇଁ ଅତି ଖରାପ । ଗୋଟିଏ ଦିଗରେ ଯେମିତି ପ୍ରବଳ ବାଧାବିପତ୍ତି, ବିଭିନ୍ନ ଅସୁବିଧା, ଅନ୍ୟଦିଗରେ ସେମିତି ପାର୍ଟିର ପ୍ରେଷ୍ଟିଜ, ପାର୍ଟିର ରାଜନୈତିକ ବକ୍ତବ୍ୟ ପ୍ରତି ଆଗ୍ରହ, ପାର୍ଟି ବିସ୍ତୃତିର ବିରାଟ ସମ୍ଭାବନା ଏସବୁ ବିଷୟ ଯଦି ଆମେ ସଠିକଭାବେ ବୁଝିପାରୁ ତେବେ ବୁଝିପାରିବୁ ଯେ, ଏହି ସମୟଟି ଆମ ପାର୍ଟିର ଇତିହାସରେ ଦଳ ବିକାଶ କ୍ଷେତ୍ରରେ ସବୁଠାରୁ ଉତ୍କୃଷ୍ଟ ସମୟ (Excellent time) । ଅର୍ଥାତ ଯଦି ଆମେ ପରିସ୍ଥିତିର ଉପଯୁକ୍ତ ସଦ୍ ବ୍ୟବହାର କରିପାରୁ ତେବେ ତୁଳନାମୂଳକଭାବେ ଅତୀତର ସମସ୍ତ ସମୟଠାରୁ ଏହା ଅତ୍ୟନ୍ତ ଭଲ ସମୟ । ଭଲ କଥାଟିର ଅର୍ଥ ଏୟା ନୁହେଁ

ଯେ, ଏହି ସମୟରେ ବିରୋଧ କମ୍ । ଭଲ ସମୟ କଥାଟିର ଅର୍ଥ ହେଲା ବିରୋଧ ସାମ୍ନାରେ ଯଦି କର୍ମୀମାନେ ସର୍ବସ୍ତରରେ ରାଜନୈତିକଭାବେ ମୁକାବିଲା କରିବା ସକାଶେ ଶକ୍ତି, ସାମର୍ଥ୍ୟ, କର୍ମକ୍ଷମତା, ରାଜନୈତିକ ଚେତନା ଏବଂ ଉନ୍ନତ ଉପଲବ୍ଧି (ମ୍ୟାଚୁରିଟି)ର ପରିଚୟ ଦେଇପାରନ୍ତି, ପାର୍ଟିବଡିଗୁଡିକୁ ଏବଂ ଗଣସଂଗଠନର କମିଟିଗୁଡିକୁ ଉପଯୁକ୍ତଭାବେ ବିକଶିତ(ଡେଭଲପ୍) କରାଇପାରନ୍ତି, ତେବେ ଏହି ସମୟଟି ପାର୍ଟି ଗଢି ଉଠିବା ପାଇଁ ସବୁଠାରୁ ଉତ୍କୃଷ୍ଟ ସମୟ (excellent time to grow) । କାରଣ ଲୋକେ (public) ଆମ କଥା ଶୁଣିବାକୁ ଚାହୁଁଛନ୍ତି । ଆମ ସମ୍ପର୍କରେ ଏକ ଦରଦୀ ମନୋଭାବ (soft feeling) ନେଇ ଚାଲିଛନ୍ତି । ଆଉ କେବଳ ପବ୍ଲିକ ନୁହନ୍ତି, ଏତେ ବିରୋଧ ସତ୍ତ୍ୱେ ମଧ୍ୟ ବିଭିନ୍ନ ଦଳର ର୍ୟାଙ୍କ ଏଣ୍ଡ ଫାଇଲ (ସାଧାରଣ କର୍ମୀମାନଙ୍କ) ମଧ୍ୟରେ ବି ଏସ.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ବକ୍ତବ୍ୟର ବିଭିନ୍ନ ପ୍ରତ୍ୟକ୍ଷ ଓ ପରୋକ୍ଷ (direct and indirect) ପ୍ରଭାବ ଲକ୍ଷ୍ୟ କରାଯାଉଛି ।

ତେଣୁ ଏଭଳି ଏକ ସମୟରେ ଆମ ଦଳର ର୍ୟାଙ୍କ ଏଣ୍ଡ ଫାଇଲକୁ ଆହୁରି ସୁସଂହତ (close up) କରିବା ଆବଶ୍ୟକ । ପ୍ରତ୍ୟେକ କର୍ମୀର ବ୍ୟକ୍ତିଗତ ଉଦ୍ୟୋଗ, ରାଜନୈତିକ ଚେତନା ବୃଦ୍ଧି, ରାଜନୈତିକ କାର୍ଯ୍ୟକଳାପ କରିବାର ଶକ୍ତି ବୃଦ୍ଧି, ସାମଗ୍ରିକଭାବେ ଯୌଥ କାର୍ଯ୍ୟକଳାପ ଚଳାଇ ଯିବାର(collective functioning) ଷ୍ଟାଇଲ ଓ କର୍ମପଦ୍ଧତି- ଏସବୁକୁ ଉନ୍ନତ ଓ ସମୟୋପଯୋଗୀ କରିବାକୁ ହେବ । ଏହାହିଁ ବର୍ତ୍ତମାନ ମୁଖ୍ୟ କାମ । କର୍ମର ଗତିବେଗ ଯେମିତି ବୃଦ୍ଧିପାଏ ସେହି ଦିଗକୁ ଲକ୍ଷ୍ୟ ରଖି ଯେଉଁ କାମ ଗୁଡିକ ସମସ୍ତ ସ୍ତରରେ କରିବା ଦରକାର ସେସବୁ ସମ୍ପର୍କରେ ମୁଁ କହିବାକୁ ଚାହୁଁଛି ଯେ, ନେତୃସ୍ଥାନୀୟ କମ୍ରେଡମାନେ(leading comrades) ଲକ୍ଷ୍ୟ ରଖିବେ । ପ୍ରତ୍ୟେକ କର୍ମୀ ଚେଷ୍ଟା କରିବେ ଯେମିତି ତାଙ୍କର  ରାଜନୈତିକ ଉଦ୍ୟୋଗ ବଢିପାରେ, ରାଜନୈତିକ ଚେତନାର ସ୍ତର ଉନ୍ନତ କରାଯାଇପାରେ, ଯାହାଫଳରେ ରାଜନୈତିକ ଆନ୍ଦୋଳନ ଏବଂ ପ୍ରତିଦିନର ଜୀବନଯାତ୍ରା କ୍ଷେତ୍ରରେ ବିଭିନ୍ନ ଲଢେଇ କ୍ଷେତ୍ରରେ, ନାନା ଦାୟ ଦାୟିତ୍ୱ ପାଳନ କ୍ଷେତ୍ରରେ ତାଙ୍କର ବ୍ୟକ୍ତିଗତ, ରାଜନୈତିକ ଓ ସାଂଗଠନିକ ଉଦ୍ୟୋଗ(initiative) ଆହୁରି ବଢିପାରିବ । ଏହି କଥାର ଅର୍ଥ ହେଉଛି, ପ୍ରତି ମୁହୂର୍ତ୍ତରେ ନେତାମାନଙ୍କଠାରୁ ନିର୍ଦ୍ଦେଶ ନେଇ ଏବଂ କଣ କରିବାକୁ ହେବ ବୁଝି ନେଇ କାମ କରିବା

ନୁହେଁ, ନିର୍ଦ୍ଦେଶ ଆସିଲେ ଯେଭଳି ମୁଣ୍ଡ ଖେଳାଇ କାମ କରିବେ ପୁଣି ନିର୍ଦ୍ଦେଶ ନଆସିଲେ ବି ନିଜେ ପରିକଳ୍ପନା କରି କାମ କରିବେ । କୌଣସି ପ୍ରଶ୍ନ ଉଠିଲେ କ'ଣ ଉତ୍ତର ଦେବାକୁ ହେବ ତାହା ନିଜେ ହିଁ ଠିକ କରିପାରେ, ନେତାମାନଙ୍କ ପାଖକୁ ଯିବାକୁ ପଡେନା । ହୁଏତ କିଛି ଭୂଲ ହେବ, ମାତ୍ର ସେ ଭୂଲରୁ ନିଜେ ହିଁ ଶିଖିବ ବା ଅନ୍ୟମାନେ ଧରେଇଦେବେ । ଏହିଭଳି ଭାବେ ନିଜକୁ ତିଆରି କରିବାକୁ ହେବ । ଏଇ ଯେମିତି ପ୍ରଶ୍ନ ଉଠିଲେ ହିଁ କଣ କହିବାକୁ ହେବ ତାହା ଜାଣିବା ପାଇଁ ନେତାମାନଙ୍କ ପାଖକୁ ଦୌଡି ଆସନ୍ତି, ବିରୋଧୀ ପ୍ରଶ୍ନ ଆସିଲେ(perplexed) ହିଁ ବୁଦ୍ଧି ହରାଇ ବସନ୍ତି, ଏଗୁଡିକ ପ୍ରମାଣ କରେ (indicate) ଚେତନାର ଅଭାବ ଅଛି ଏବଂ ଆମେ କର୍ମୀମାନଙ୍କୁ ସେହିଭଳି ତିଆରି କରିପାରିନାହୁଁ । ଦ୍ୱିତୀୟ ବିଷୟ ହେଉଛି, କର୍ମୀମାନଙ୍କ ମିଳିମିଶି ଏକାସାଂଗରେ କାମ କରିବାର ଯେଉଁ ରୀତି ଦଳ ମଧ୍ୟରେ ଚାଲୁ ରହିଛି, ଏହି ଯୌଥଭାବେ କାମ କରିବା (collective functioning)ର ଶୈଳୀକୁ ଆମକୁ ଆହୁରି ଉନ୍ନତ(improve) କରିବାକୁ ହେବ ଯାହାଫଳରେ କି ସମସ୍ତଙ୍କର ବ୍ୟକ୍ତିଗତ ଉଦ୍ୟୋଗ ବଢିବ । ଆମମାନଙ୍କର କର୍ମର ଗତିବେଗ ଯେମିତି ବଢେ, ସେହି ଦିଗ ପ୍ରତି ଲକ୍ଷ୍ୟ ରଖି କେଉଁ ଧରଣର କାମ କଲେ ଓ କେଉଁ ପଦ୍ଧତି ଅନୁସରଣ କଲେ ବ୍ୟକ୍ତିଗତ ଉଦ୍ୟୋଗ (individual initiative) ଏବଂ ପାର୍ଟି ବଡିର ଯୌଥ କାର୍ଯ୍ୟକ୍ରମ (collective body functioning) ବଢିବ, ତାହା ଖିଆଲ ରଖୀବାକୁ ହେବ । ଆମମାନଙ୍କର (working style improve) କାମର ଶୈଳୀ ଉନ୍ନତ କରିବା ଦରକାର । ଅନ୍ୟ ନେତାମାନେ ଏହା କେତେ ଅନୁଭବ (feel) କରୁଛନ୍ତି ମୁଁ ଜାଣେନା , ମାତ୍ର ମୁଁ ନିଜେ ଏହା ଅନୁଭବ କରୁଛି । ପ୍ରୟୋଜନ ତୁଳନାରେ as I see we are lagging much behind (ମୁ ଲକ୍ଷ୍ୟ କରୁଛି ଆମେ ଅନେକ ପଛେଇ ଯାଇଛୁ) । ଭାରତବର୍ଷ ଭଳି ଏକ ବିଶାଳ ଦେଶରେ ଆମେ ଆଜି ବି ଏକ କ୍ଷୁଦ୍ର ଶକ୍ତି । ଏହି ଅବସ୍ଥାରେ ଆମେ ଚାହୁଁ ବା ନ ଚାହୁଁ ଆମ ଉପରେ ଏକ ଐତିହାସିକ ଦାୟିତ୍ୱ ପଡିଛି । ହୁଏତ ଆମେ ଏହି ଦାୟିତ୍ୱ ଅସ୍ୱୀକାର କରି ଚାଲି ଯାଇପାରୁ ଏବଂ ଇତିହାସରେ ନିଜକୁ ନପୁଂସକ ବୋଲି ପ୍ରମାଣ କରିପାରୁ । ଆଉ ତା ନହେଲେ ଆମ ପାଇଁ ଆଉ ଗୋଟିଏ ରାସ୍ତା ହେଲା ଯେଉଁ ଦାୟିତ୍ୱ ଐତିହାସିକ ଭାବେ ଆମ ଉପରେ ପଡିଛି, ଆମ ସମ୍ମୁଖରେ ରହିଛି, manly as a revolutionary ସାହସର ସହିତ ଜଣେ ବିପ୍ଲବୀଭାବେ ସେହି ଚ୍ୟାଲେଞ୍ଜକୁ ଗ୍ରହଣ କରିବା । ମାତ୍ର ଏହା କରିବା ବୋଲି ଖାଲି ମନରେ ଭାବି ଚାଲିଲେ

ଚଳିବ ନାହିଁ, ଏହି କରିବା କଥାଟିର ଅର୍ଥ ହେଲା, ସମସ୍ତ ସ୍ତରରେ ଏହା କରିବା ପାଇଁ ଏକ ଆୟୋଜନ, ଏକ ଉଦ୍ୟୋଗ ଏବଂ ପ୍ରସ୍ତୁତି (preparation) ର ବନ୍ୟା ବୋହିଯିବା ଦରକାର । ବ୍ୟକ୍ତିଗତଭାବେ ପ୍ରତ୍ୟେକ ନିଜକୁ ପଚାରିବେ, ମୁଁ ନିଜକୁ ରାଜନୈତିକଭାବେ ଓ ଉପଯୁକ୍ତଭାବେ ପ୍ରସ୍ତୁତ କରିପାରିଛି କି ନାହିଁ, ପ୍ରତ୍ୟେକ ବିଷୟରେ ନିଜେ ବକ୍ତବ୍ୟ ଉପସ୍ଥାପନ କରିପାରୁଛି କି ନାହିଁ, ଯେମିତିଭାବେ ହେଉ ନା କାହିଁକି ପାରେ କି ନାହିଁ, ଯେ କୌଣସି ବଡି ମିଟିଂରେ ବସି ମୁଁ କିଛି ପରାମର୍ଶ (suggestion) ଦେଇ ପାରେ କି ନାହିଁ, ବକ୍ତବ୍ୟ ରଖି ପାରେ କି ନାହିଁ, ଖାଲି କହିବା ସକାଶେ କହେ ନାହିଁ, କାମକୁ improve କରିବା ପାଇଁ କିଛି କହି ପାରେ କି ନାହିଁ, ନା ମୁଁ କେବଳ ଶୁଣିବା ପାଇଁ ଆଉ "ମୋତେ କଣ କରିବାକୁ ହେବ ଏଇକଥା ପଚାରିବା ପାଇଁ ନେତାମାନଙ୍କ ପାଖକୁ ଆସେ ।" ପ୍ରତ୍ୟେକ କର୍ମୀ ଏଇଭଳିଭାବେ ନିଜକୁ ପ୍ରଶ୍ନ କରିବେ ଏବଂ ନିଜକୁ ତିଆରି କରିବା ପାଇଁ ସଂଗ୍ରାମ କରିବେ ।

ଏହି ତିଆରି କରିବାର ବାଟ କ'ଣ ? ଏହି ତିଆରି କରିବାର ଉପାୟ ହେଲା ସଦାସର୍ବଦା ସବୁ ବିଷୟରେ ଜନସାଧାରଣଙ୍କ ସହିତ ଅନ୍ୟାନ୍ୟ କର୍ମୀ ଓ ବନ୍ଧୁବାନ୍ଧବଙ୍କ ସଂଗେ ରାଜନୈତିକ ଆଲୋଚନାରେ ଆତ୍ମନିୟୋଗ କରିବା, ଯେ କୌଣସି ଛୋଟିଆ କଥାଟିକୁ ଆଣି ମୂଳ ରାଜନୈତିକ ସମସ୍ୟା ସହିତ ସଂପୃକ୍ତ କରାଇ ଆଲୋଚନା କରିବାର କ୍ଷମତା ଅର୍ଜନ କରିବା ଯେମିତି ଧରନ୍ତୁ ଏକ ଛୋଟକାଟିଆ କଥାକୁ ନେଇ ବା କୌଣସି ସାହିତ୍ୟ ବା ହାସ୍ୟରସକୁ ନେଇ, ଏକ ରୁଚିଗତ ବିଷୟକୁ ନେଇ ଅଥବା ସିନେମା ହେଉ ବା ଅନ୍ୟ କୌଣସି ଥଟ୍ଟା ବିଦ୍ରୁପକୁ ନେଇ ହେଉ, ଏସବୁ କଥାକୁ ନେଇ ଆଲୋଚନା ଆରମ୍ଭ ହୋଇଗଲା । ଆମର ଏଭଳି ପ୍ରବଣତା ହେବା ଆବଶ୍ୟକ ଯେମିତି ସେହି ଆଲୋଚନାରେ ପ୍ରବେଶ କରି ଆମର ମୂଳ ରାଜନୈତିକ ବିଷୟବସ୍ତୁ ସହିତ ଲିଙ୍କ(ଯୁକ୍ତ) କରି ଆମେ ଆଲୋଚନା କରିପାରୁ । ଆମେ ଆଲୋଚନାଟିକୁ (purposive) ବା ଉଦ୍ଦେଶ୍ୟମୁଖୀ କରିପାରୁ । Bluntly ଓ mechanically (କିଛି ନ ଭାବିଚିନ୍ତି ବା ଯାନ୍ତ୍ରିକଭାବେ ନୁହେଁ) living ଅର୍ଥାତ୍ ପ୍ରାଣବନ୍ତଭାବେ କରିପାରୁ । ଏହି କ୍ଷମତା ଅର୍ଜନ ପାଇଁ ପ୍ରତ୍ୟେକ କର୍ମୀ ସଯତ୍ନରେ ନିଜକୁ ପ୍ରସ୍ତୁତ କରିବା ଦରକାର । 'ଯାଃ- ସେଇଟା ତ ଗୋଟେ ଗପ' - ଏଇଭଳି କହିଲେ ଚଳିବ ନାହିଁ । କାରଣ ଗପ ଭିତରେ ବି ଏକ ସଂସ୍କୃତି ପ୍ରତିଫଳିତ(reflected)

ହୋଇଥାଏ । ମୁଁ ଜାଣେ ବା ନ ଜାଣେ ଗପ ଦ୍ୱାରା ସମସ୍ତେ ପ୍ରଭାବିତ ହୁଅନ୍ତି, ହାସ୍ୟରସ ମାଧ୍ୟମରେ ଏକ ସଂସ୍କୃତି ପ୍ରତିଫଳିତ ହୁଏ, ଯାହାକୁ ଅବହେଳା(ignore) କରାଯାଇପାରେନା । ଫଳରେ ନିଛକ ଗପ ବା ଥଟ୍ଟା ତାମସା କହି ହାଲୁକାଭାବେ ତାକୁ ଦେଖା ଯାଇପାରେନା । ଯେ କୌଣସି ପ୍ରଶ୍ନ ଆସୁ, ହସ, ଥଟ୍ଟା, ଗପ, କାହାଣୀ ଯାହାବି ହେଉ ଆମ ପାର୍ଟିର ମୂଳ ବକ୍ତବ୍ୟ, ରାଜନୈତିକ ବିଚାର ବିଶ୍ଳେଷଣ ସହିତ ତତ୍‌କ୍ଷଣାତ ତାକୁ ଯୁକ୍ତ(link up) କରିବାକୁ ହେବ । ପାର୍ଟିର ଏହି ମୂଳ ବକ୍ତବ୍ୟଟି କଣ ? ପାର୍ଟିର ଏହି ମୂଳ ବକ୍ତବ୍ୟ ହେଲା ଜନସାଧାରଣଙ୍କ ମଧ୍ୟରେ ପୁଞ୍ଜିବାଦ ବିରୋଧୀ ବିପ୍ଲବର (anti capitalist revolution) ମାନସିକତା ସୃଷ୍ଟି କରିବା । ପୁଞ୍ଜିବାଦ ଓ ପୁଞ୍ଜିବାଦ ସମ୍ପର୍କିତ ସମସ୍ତ ବିଷୟରେ ସଠିକ ମୂଲ୍ୟାୟନ ଭିତ୍ତିରେ ସାଧାରଣ ମଣିଷ ଭିତରେ ଘୃଣା ଜଗାଇବା । ଅନ୍ଧ ଘୃଣା ନୁହେଁ, କାରଣ ଅନ୍ଧ ଘୃଣା ତିଷ୍ଠି ରହେ ନାହିଁ । ସଠିକ ମୂଲ୍ୟାୟନ ଭିତ୍ତିରେ ଯାହା ଆଜି ଅକାର୍ଯ୍ୟକାରୀ (exhausted) ବା କ୍ଷତିକାରକ ହୋଇଯାଇଛି ସେଗୁଡିକ ସମ୍ପର୍କରେ ଘୃଣା ସୃଷ୍ଟି କରିବା ଯଦ୍ୱାରା କି ଏହି ବିଷୟଗୁଡିକ ସମ୍ପର୍କରେ ଲୁକ୍କାୟିତ ବା ଜାଗ୍ରତ ଅବସ୍ଥାରେ ଯେକୌଣସି ଯୁକ୍ତିର ଆଧାରରେ ହେଉନା କାହିଁକି ଯାହାବି ଆଶା ଅକାଂକ୍ଷା ବା ଆଗ୍ରହ ଦେଖାଯାଉନା କାହିଁକି ତାହାକୁ ଯୁକ୍ତିର ତୀକ୍ଷ୍ଣ ହତିଆରରେ ସମ୍ପୂର୍ଣ୍ଣ ଖଣ୍ଡ ବିଖଣ୍ଡିତ କରିଦେଇପାରୁ, ପରାଜିତ କରିଦେଇପାରୁ- ଏହିଭଳିଭାବେ ନିଜକୁ ପ୍ରସ୍ତୁତ କରିବାକୁ ହେବ ।

ଏହି ଯେ, ଯେକୌଣସି କଥାକୁ ଲିଙ୍କ(ଯୁକ୍ତ) କରି ଆମର ମୂଳ ବକ୍ତବ୍ୟ anti capitalist revolution (ପୁଞ୍ଜିବାଦ ବିରୋଧୀ ବିପ୍ଲବ) ବୁଝାଇବା ଆଉ ଏହି ପୁଞ୍ଜିବାଦ ବିରୋଧୀ ବିପ୍ଲବର ପଥରେ ଯେଉଁ pseudo revolutionary forces (ନକଲି ବପ୍ଲବୀ ଶକ୍ତିଗୁଡିକ) image ଭାବମୂର୍ତ୍ତୀ ସୃଷ୍ଟି କରି ରହିଛନ୍ତି ତାହାର ପ୍ରଭାବରୁ ଜନସାଧାରଣଙ୍କୁ ମୁକ୍ତ କରିବା - ଏସବୁ ହେଲା କାମ । ଏହି ନକଲି ବିପ୍ଲବୀ ଶକ୍ତି ଯେଉଁମାନେ ଯେଉଁ କ୍ଷେତ୍ରରେ ପ୍ରଭାବ ବିସ୍ତାର କରି ରହିଛନ୍ତି direction of the main blow (ମୂଳ ଆଘାତର ଦିଗଟି) ସେମାନଙ୍କ ବିରୁଦ୍ଧରେ ହିଁ ହେବ । ଯେଉଁଠି ଉପରଠାଉରିଆଭାବେ (superficially) ଦେଖାଯିବ ସେମାନେ ଯେଉଁ ଆନ୍ଦୋଳନଟି କରୁଛନ୍ତି ବା ଯେଉଁ କଥାଟି କହୁଛନ୍ତି ତା ଭିତରେ ଆପାତଃ ଦୃଷ୍ଟିରେ ସେମାନଙ୍କର ବଶେଷ ତ୍ରୁଟି ନାହିଁ, ସେଠାରେ ମଧ୍ୟ ମୂଳ ରାଜନୀତି ସହ ଯୁକ୍ତ (link up) କରି ସେମାନେ ଏହି କଥାଟି ଦ୍ୱାରା ସେମାନଙ୍କ

ଯେଉଁ false image ମିଥ୍ୟା ଭାବମୁର୍ତ୍ତୀ ତିଆରି କରିଛନ୍ତି ଏବଂ ସେମାନଙ୍କର ମୂଳ ରାଜନୀତିଟି କେଉଁଠି ଭୂଲ, କାହିଁକି ସେମାନେ ଏଭଳି ଏକ ପଥ ବାଛିଲେ- ଏସବୁ ଦେଖାଇବାକୁ ହେବ । ସେମାନଙ୍କର ଏହିଭଳି ପଥ ଗ୍ରହଣ କରିବା, ଶ୍ଳୋଗାନ ଉଠାଇବା ଓ ଆମର ଏଭଳିଭାବେ ପଥ ଗ୍ରହଣ କରିବା ଓ ଶ୍ଳୋଗାନ ଉଠାଇବା ଆପାତଃ ଦୃଷ୍ଟିରେ ଏକାଭଳି ମନେ ହେଲେ ବି କେଉଁ ଜାଗାରେ ଆମର ମୂଳ ପାର୍ଥକ୍ୟ ସେ ବିଷୟରେ ବି ଜନସାଧାରଣଙ୍କୁ ବୁଝାଇଦେବାକୁ ହେବ । କାରଣ ଆମର ଲକ୍ଷ୍ୟ ବୁର୍ଜୁଆମାନଙ୍କୁ over-throw (ଉଚ୍ଛେଦ) କରିବା ଓ ତା ସହିତ ସାମନ୍ତବାଦର ଯେଉଁ ramnants (ଧ୍ୱଂସାବଶେଷ) ରହିଛି ତାହାର ମଧ୍ୟ ଅବସାନ ଘଟାଇବା । ଆପତଃ ଦୃଷ୍ଟିରେ ବିଶେଷ ଶ୍ଳୋଗାନ ଓ ବିଶେଷ ପ୍ରୋଗ୍ରାମ ଏକାଭଳି ମନେ ହେଲେ ମଧ୍ୟ ଲକ୍ଷ୍ୟ କିନ୍ତୁ ଏକା ନୁହେଁ । ବୁର୍ଜୁଆମାନଙ୍କୁ ରାଜନୈତିକ କ୍ଷମତାରୁ ଉଚ୍ଛେଦ କରିବା ପାଇଁ ପୁଞ୍ଜିବାଦ ବିରୋଧୀ ବିପ୍ଳବର ରାଜନୈତିକ ଭିତ୍ତି ଏବଂ ମାନସିକତାର ଯେଉଁ ମୂଳ ବିଷୟଗୁଡିକ ରହିଛି, ପାର୍ଟି କର୍ମୀମାନଙ୍କୁ ସଦାସର୍ବଦା ଆଲୋଚନା କରି ତାହା ଆୟତ୍ତ କରିବାକୁ ହେବ । କେବଳ ପପୁଲାର (ଜନପ୍ରିୟ) ହେବା ଢଙ୍ଗରେ ଅତ୍ୟାଚାର ବିରୁଦ୍ଧରେ ଆବେଗପୂର୍ଣ୍ଣ (emotional) ଭାଷଣ ନୁହେଁ । କାରଣ ସାଧାରଣଭାବେ ମଣିଷ ଅତ୍ୟାଚାର ବୁଝେ, ଅତ୍ୟାଚାର ବିରୁଦ୍ଧରେ ଲଢେଇ କରିବାକୁ ଚାହେଁ । ମାତ୍ର ଯେଉଁ ଲୋକଟି ପୁଞ୍ଜିବାଦ ବିରୁଦ୍ଧରେ ଲଢେଇ କରିବାକୁ ଚାହୁଁଛି, ସେହି ଲୋକଟି ହିଁ ପର ମୁହୂର୍ତ୍ତରେ ଆଉ ଏକ ପ୍ରଶ୍ନରେ ପୁଞ୍ଜିବାଦର ରକ୍ଷଣାବେକ୍ଷଣର ମାନସିକତା ପ୍ରତିଫଳିତ କରୁଛି । ଫଳରେ ପୁଞ୍ଜିବାଦକୁ ଭାଙ୍ଗିବା ସକାଶେ ସାମଗ୍ରିକ ଲଢେଇର ମାନସିକତା ଦରକାର । ସମଗ୍ର ମାନସିକ ଜଗତରେ ପୁଞ୍ଜିବାଦ ବିରୋଧୀ ଢାଞ୍ଚାଟି ଗଢିତୋଳିବା ପାଇଁ ଯେଉଁ ଚେଷ୍ଟାର ପ୍ରୟୋଜନ ସେହି ଚେଷ୍ଟା କରିବା ପ୍ରୟୋଜନ ଏବଂ ସେଥିପାଇଁ ନିଜକୁ ଉପଯୁକ୍ତ କରି ଗଢି ତୋଳିବା ଆବଶ୍ୟକ, ଯାହାଫଳରେ ପ୍ରତ୍ୟେକ ଆଳାପ ଆଲୋଚନା ଆମେ କାର୍ଯ୍ୟକାରୀଭାବେ କରିପାରୁ ।

ଏଭଳିଭାବେ ଗଢି ଉଠିବାକୁ ହେଲେ ଆମର ପ୍ରୟୋଜନ ହେଲା – ଜନସାଧାରଣଙ୍କ ସହିତ ୨୪ଘଣ୍ଟା କାମ କରିବାକୁ ହେବ । ଏହି ୨୪ଘଣ୍ଟା କାମକରୁଛୁ ମାନେ ଏଇଆ ନୁହେଁ ଯେ ଆମେ ଖାଉ ନାହୁଁ, ନିତ୍ୟକର୍ମ କରୁନାହୁଁ, ଗପସପ କରୁନାହୁଁ, ବା ଯେଉଁ ଟିକିଏ ପ୍ରେମପ୍ରେମ କରନ୍ତି ସେମାନେ ଟିକିଏ ମଝିରେ ମଝିରେ ଦେଖା ସାକ୍ଷ୍ୟାତ୍ କରୁନାହାନ୍ତି ତା

ନୁହେଁ, ସେଗୁଡିକ ଆମର ରହିବ । କିନ୍ତୁ ଏସବୁ ମନକୁ ଆଚ୍ଛନ୍ନ କରି ରଖିବନାହିଁ । ଏସବୁ ମଝିରେ ମଝିରେ ଆସିବ, ଏହା ବାସ୍ତବ ସମ୍ମତ । ଅନ୍ୟଥା ଅଲଗା କିଛି ଭାବିବା ଏକ ଅଳିକ କଳ୍ପନା । କିନ୍ତୁ ଏସବୁ ମୁଖ୍ୟ ହୋଇ ଦେଖାଦେବନାହିଁ । ମୁଖ୍ୟତଃ ମନ ଭିତରକୁ ଯେଉଁ କଥାଗୁଡିକ ବୁଲି ବୁଲି ଆସେ ଏକାଥିଲେ, ଶୋଇବାକୁ ବସିବାକୁ ଗଲେ, ଯାହା ମନକୁ ଆସେ ତାହା ହେଲା ମୋର ରାଜନୀତିଗତ ଓ ସଂଗଠନଗତ ସମସ୍ୟା । କେତେ ପ୍ରକାରର  ବିଭ୍ରାନ୍ତିକର ପ୍ରଶ୍ନ ରହିଛି, କେତେ ପ୍ରକାରର ଓଲଟାପାଲଟା କଥା ରହିଛି । ଫଳରେ ପରିବେଶ ଯାହାଥାଉ ମୁଁ କିଭଳି ଭାବେ ତାର ମୁକାବିଲା କରିବି ଏସବୁ ନେଇ ମୋର ଚିନ୍ତା । କଂଗ୍ରେସ ବିରୁଦ୍ଧରେ ଯେଉଁମାନେ ଲଢିବାକୁ ଚାହାଁନ୍ତି ସେମାନଙ୍କୁ ସିପିଆଇ, ସିପିଆଇ(ଏମ୍), ସମ୍ପର୍କରେ ଗୋଟିଏ ପ୍ରକାରର ବିଭ୍ରାନ୍ତି, ସିପିଆଇକୁ ଯେଉଁମାନେ ସଂଶୋଧନବାଦୀ କହୁଛନ୍ତି ସେହି ସିପିଆଇ(ଏମ୍) ଆଉ ଏକ ପ୍ରକାରର ସଂଶୋଧନବାଦ୍‌ର ଚର୍ଚ୍ଚା କରୁଛି । ପୁଣି ସିପିଆଇ(ଏମ୍)କୁ ଯେଉଁମାନେ ସଂଶୋଧନବାଦୀ ବୋଲି କହୁଛନ୍ତି ସେହି ନକ୍ସଲମାନେ ଏକ ପ୍ରକାରର ପେଟିବୁର୍ଜୁଆ  Adventurism(ହଟକାରୀତା)ର ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି । ଏହିଭଳିଭାବେ ଗୋଟିଏ ବିଭ୍ରାନ୍ତି ବିରୁଦ୍ଧରେ ଯେଉଁମାନେ ଲଢେଇ କରନ୍ତି, ସେମାନଙ୍କ ମଧ୍ୟରେ ହଜାର ପ୍ରକାର ବିଭ୍ରାନ୍ତି ଲୁକ୍କାଇତ ଥାଏ । ଗୋଟିଏ ବିଭ୍ରାନ୍ତି ଆଉ ଗୋଟିଏ ବିଭ୍ରାନ୍ତି ମଧ୍ୟରେ ମିଶି ଥାଏ । କିଭଳିଭାବେ ଏଗୁଡିକ ମିଶିଥାଏ ବିପ୍ଳବୀ ଦଳର ସ୍ତରେ ସ୍ତରେ ଏଗୁଡିକୁ ଟିକିନିଖିଭାବେ ଦେଖି ବିପ୍ଳବୀ କର୍ମୀମାନେ ସଦାସର୍ବଦା ରାଜନୈତିକ ଚର୍ଚ୍ଚାଦ୍ୱାରା ଏଗୁଡିକ ଷ୍ଟଡି କରନ୍ତି, କିଭଳି ଭାବେ ଜନସାଧାରଣଙ୍କୁ ଏସବୁରୁ ମୁକ୍ତ କରାଯାଇପାରେ ସେ ସମ୍ପର୍କରେ ଚର୍ଚ୍ଚା କରନ୍ତି । ଏହି ଚର୍ଚ୍ଚାଟି କିଭଳିଭାବେ କରନ୍ତି ? ଜନସାଧାରଣଙ୍କ ମଧ୍ୟରେ ଏବଂ ନିଜ ଭିତରେ ଯେକୌଣସି ବିଷୟ ଉଠୁ କିଭଳିଭାବେ ମୂଳ ଲାଇନ୍ ସହିତ ଏହାକୁ ଯୁକ୍ତ କରାଯାଇପାରେ, ଏ ସମ୍ପର୍କରେ ଆଲୋଚନା କରନ୍ତି । ତୁମେ ଆଲୋଚନାକୁ ଯେତେ disturb କରିବାକୁ ବା ଅନ୍ୟଆଡକୁ ନେଇଯିବାକୁ ଚାହଁନା କାହିଁକି ମୁଁ ଆଲୋଚନାରେ ଯୋଗଦେଇ ରସପୂର୍ଣ୍ଣଭାବେ କଥାକହି ମୋର ବାଧା ଅତିକ୍ରମକରି ତୁମକୁ  involve (ଜଡିତ) କରିପକାଇବି । ମୂଳ ଆଲୋଚନାରେ ଯାହା ତୁମେ ବୁଝି ମଧ୍ୟ ଅସ୍ୱୀକାର କରିପାରିବନାହିଁ, ଆଲୋଚନାକୁ ନଆସି ରହିପାରିବ ନାହିଁ ବା ଅନେକ ସମୟରେ ଧରି ପାରିବନି ଯେ ତୁମ ଅଜାଣତରେ ତୁମେ ଏଭଳିଭାବେ ଅନ୍ୟ ଆଲୋଚନାକୁ ଆସିଯାଇଛ । ତୁମେ ଥଟ୍ଟା କରିବାକୁ ଚାହିଁଥିଲ, ତୁମ ସହିତ ଏହି ଥଟ୍ଟା କଥାରେ ବସି

ଯେଉଁ ଆଲୋଚନାଟି ମୁଁ ଆରମ୍ଭ କରିଦେଲି, ତୁମ ଅଜ୍ଞାତରେ ହିଁ ତୁମକୁ ଅନ୍ୟଏକ ସିରିଅସ୍ ଆଲୋଚନାକୁ ଟାଣି ଆଣିଲି । ଏହି ଯେଉଁ ରାଜନୈତିକ ଉଦ୍ଦେଶ୍ୟମୁଖୀତା ଏକ ରାଜନୈତିକ objective (ଉଦ୍ଦେଶ୍ୟବୋଧ) ସଦାସର୍ବଦା ଆମର ସମସ୍ତ କ୍ରିୟା ଭିତରେ କାମକରେ, ଏଥିପାଇଁ ନିଜକୁ ପ୍ରସ୍ତୁତ କରିବାକୁ ହୁଏ । ଏହା କେବଳ ବସି ବସି ଭାବିଲେ ହୁଏ ନାହିଁ । ପ୍ରତ୍ୟେକ କର୍ମୀର ଏହା ପ୍ରସ୍ତୁତ କରିବାର ବାଟହେଲା ପରିକଳ୍ପିତ ଉପାୟରେ ସଦାସର୍ବଦା ଜନତାର ସହିତ ସଂଯୋଗ ସ୍ଥାପନ କରିବା, ସେଥିପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଗ୍ରହଣ କରିବା, ବିଭିନ୍ନଭାବେ ଆମ ରାଜନୀତିଟିକୁ ଜନତା ଭିତରକୁ ନେଇଯିବା, ଆଉ ତାହା ନେଇଯିବାର ଉପାୟ ଭାବେ ଜନତାର ସମସ୍ତ ବିକ୍ଷୋଭଗୁଡିକୁ ନେଇ ଆନ୍ଦୋଳନ ସଂଗଠିତ କରିବା ମଧ୍ୟଦେଇ ରାଜନୀତିଟିକୁ ନେଇଯିବା ।

ଏସବୁ କରିବାକୁ ହେବ । ଏହାସହିତ ଅନ୍ୟର ରାଜନୀତିକୁ ଫାଇଟ୍ କରିବା ହେବ । ଅନ୍ୟର ରାଜନୀତି ସାଧାରଣଭାବେ କହିଲେ ଚଳିବନାହିଁ । ବିଶେଷଭାବେ ନକଲି ବିପ୍ଳବୀ ରାଜନୀତି ଯାହା ମୋହ ସୃଷ୍ଟି କରିଥାଏ, ଶ୍ରମ ଓ ପୁଞ୍ଜି ବିରୁଦ୍ଧରେ ଆପୋଷର ଶକ୍ତି ଭାବେ କାମ କରିଥାଏ, ତାହାକୁ expose (ଚିହ୍ନେଇ ଦେବାକୁ ହେବ) କରି ଯିବାକୁ ହେବ । ଏହି ଶକ୍ତି କେଉଁମାନେ – ଏକ ବିପ୍ଳବୀ ପାର୍ଟି ତାହା ନିର୍ଦ୍ଧାରଣ କରିଥାଏ । ଏଭଳି ଘଟଣା ଘଟିପାରେ ଜାତୀୟ ସ୍ତରରେ ଯେଉଁ ଶକ୍ତିଟି ମେନ୍ ଡେଞ୍ଜର୍ (ପ୍ରଧାନ ବିପଦ), ଏକ ବିଶେଷ ରାଜ୍ୟରେ, ବିଶେଷ କ୍ଷେତ୍ରରେ ତାହା ଅକିଞ୍ଚିତ୍କର ଶକ୍ତି; ଅବଶ୍ୟ ସେତେବେଳେ ବି ଜାତୀୟ ସ୍ତରରେ ଯିଏ ମେନ୍ ଡେଞ୍ଜର୍ ବା ପ୍ରଧାନ ବିପଦ ଏ ରାଜ୍ୟରେ ମଧ୍ୟ ତାକୁ ଫାଇଟ୍ କରିଯିବାକୁ ହେବ । ନହେଲେ କାଲି ଏଠି ସିଏ ମୂଳ ବିପଦ ହୋଇଯାଇପାରେ । ଏଣୁ ଆଗରୁ ହିଁ ଏହି ଶକ୍ତିଟିର ଜମି ଯେମିତି ତିଆରି ହୋଇ ନପାରେ ସେଥିପାଇଁ ଫାଇଟ କରି ରଖିବା ଦରକାର । କିନ୍ତୁ ଜାତୀୟ ସ୍ତରେରେ ଆଉ ଏକ ଶକ୍ତି ଯାହା ବର୍ତ୍ତମାନ ମୂଳ ଡେଞ୍ଜର ନୁହେଁ କିନ୍ତୁ ପଶ୍ଚିମବଂଗରେ ନକଲି ବିପ୍ଳବୀ ଅର୍ଥରେ ଭାବମୂର୍ତ୍ତି ସୃଷ୍ଟି କରି ମେନ ଡେଞ୍ଜର ହୋଇରହିଛି, ସେଠି ଏହି ବିଶେଷ କ୍ଷେତ୍ରରେ ଆମେ ପ୍ରଥମତଃ ତାକୁ ହିଁ ଫାଇଟ କରିବା ଯଦିଓ ଜାତୀୟ ସ୍ତରରେ ଯିଏ main danger(ମୁଖ୍ୟ ବିପଦ) ତା' ବିରୁଦ୍ଧରେ ଫାଇଟ କରିବାର ଗୁରୁତ୍ୱକୁ ଆମେ ଲଘୁ କରି ଦେଖିବୁ ନାହିଁ । କାରଣ ଗତକାଲି ଯିଏ ଏଠାରେ ମେନ ଡେଞ୍ଜର ସେ ଜମିରୁ ହଟିଗଲେ ଜାତୀୟ ସ୍ତରରେ ଯିଏ ମେନ୍ ଡେଞ୍ଜର୍ ସିଏ ସ୍ଥାନଟି ଦଖଲ କରିବ, ଯଦି ଇତି ମଧ୍ୟରେ ଏହି ଶକ୍ତିକୁ ଫାଇଟ୍ କରି ଆମେ ପରାସ୍ତ କରିନଥାଉ । ସେ ରାଜନୈତିକ

ଦିଗରୁ ଯଦି ଦକ୍ଷ ହୋଇଥାଏ ଏବଂ ଆମେ ଯଦି ଆମ କାମ କରିନଥାଉ ତେବେ ସେ ଏହି ଶୂନ୍ୟସ୍ଥାନଟି ଦଖଲ କରିବ ।

ତେଣୁ ସର୍ବକ୍ଷେତ୍ରରେ କର୍ମୀମାନଙ୍କର ଚେତନାର ମାନ ବୃଦ୍ଧି ଏବଂ ପଲିଟିକାଲ ଉଦ୍ୟୋଗ ବଢାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କିଛି ଦିନ ହେଲା ମୁଁ ବାରମ୍ବାର କହୁଛି ନିଜର ରାଜନୈତିକ ଉଦ୍ୟୋଗକୁ ସବୁରି ଉର୍ଦ୍ଧ୍ୱରେ ସ୍ଥାନଦିଅ କହୁଛି ପ୍ରତ୍ୟେକ କର୍ମୀର ବ୍ୟକ୍ତିଗତ ଉଦ୍ୟୋଗ ଓ ରାଜନୈତିକ ଉଦ୍ୟୋଗ ବଢାଇବାକୁ ହେବ । ଏଭଳି କଥା ମୁଁ କହିଛି, ହେଉ ରିସ୍କ, ହେଉ ଭୁଲ୍, ତଥାପି ନିଜ ବୁଦ୍ଧିଦ୍ୱାରା ଜନସାଧାରଣଙ୍କ ଆନ୍ଦୋଳନର ନେତୃତ୍ୱ ଦିଅ । ତାହାକୁ ସଂଗଠିତ କରିବା ପାଇଁ ଚେଷ୍ଟା କର । କେବଳ ପାର୍ଟିର ଆଦର୍ଶ, ପାର୍ଟିର ପୁଞ୍ଜିବାଦ ବିରୋଧୀ ବିପ୍ଳବର ତତ୍ତ୍ୱ ତୁମେ ଯେତିକି ବୁଝ ସେହି ଅନୁଯାୟୀ ଆନ୍ଦୋଳନଟିକୁ କରିବା ପାଇଁ ଭୁଲ୍ କରନାହିଁ । ଆଉ ତୁମର ଯଦି କିଛି ଭୁଲ୍ ହୁଏ ସେଥିରେ ମହାଭାରତ ଅସୁଦ୍ଧ ହେବନାହିଁ ଏବଂ ନେତାମାନଙ୍କର ମଧ୍ୟ ଖଡ୍ଗହସ୍ତ ହୋଇ ଜଣଙ୍କର ଏହି ଉଦ୍ୟୋଗ ନଷ୍ଟକରିବା ଚଳିବ ନାହିଁ । ନେତାମାନଙ୍କୁ ଯାହା କରିବାକୁ ହେବ ତାହାହେଲା, କେଉଁଠି ତାର ଭୁଲ୍ ହୋଇଛି ତାହା ସହାନୁଭୂତି ସହିତ ତାକୁ ଦର୍ଶାଇଦେଇ ତାକୁ ସଂଶୋଧନ କରିବା, ମାତ୍ର କଠୋର ସମାଲୋଚନା ଦ୍ୱାରା ତାର ଉଦ୍ୟୋଗକୁ କଷ୍ଟ ନକରି । "ପରାମର୍ଶ ନକରି କାହିଁକି ଏହି କାମ କରିବାକୁ ଗଲ" ଏଭଳି କହିବା ଆଦୌ ଚଳିବ ନାହିଁ । ଏହି କମ୍ରେଡ ମାନଙ୍କର ଉଦ୍ୟୋଗକୁ ବ୍ୟକ୍ତିଗତ ଉଦ୍ୟୋଗକୁ ଉତ୍ସାହିତ କର, ଏହି କମ୍ରେଡମାନଙ୍କୁ ନିଜ ମୁଣ୍ଡ ଖେଳେଇବାକୁ ଦିଅ, ସେମାନେ କାମ କରିବେ ମାତ୍ର ଶୃଙ୍ଖଳାବିହୀନ ଭାବେ ନୁହେଁ । ଗୋଟିଏ ପଟେ ସେମାନେ ପାର୍ଟି ଲାଇନ୍‌ର ଅଣ୍ଡରଷ୍ଟାଣ୍ଡିଂ ଉନ୍ନତ କରିଚାଲନ୍ତୁ, ଭଲଭାବେ ଆୟତ କରନ୍ତୁ, ଆଉ ଅନ୍ୟ ଦିଗରେ ସେମାନେ ସେହି ଲାଇନ୍‌କୁ ପ୍ରୟୋଗ କରିବା ପାଇଁ ନିଜ ବୁଦ୍ଧିରେ ଜନସାଧାରଣଙ୍କ ସଂଗ୍ରାମକୁ ଯେମିତିଭାବେ ସଂଗଠିତ କରିବାକୁ ଚାହାଁନ୍ତି, ସେମାନଙ୍କୁ ସେହିଭଳିଭାବେ ସଂଗଠିତ କରିବା ପାଇଁ ସୁଯୋଗ ଦେବାକୁ ହେବ । ଭୁଲ୍ ହେଲେ କେଉଁଠି ଭୁଲ୍ ହେଲା, ତାହାକୁ ସଂଶୋଧନ କରିଦେବାକୁ ହେବ, କାହିଁକି ତୁମେ ଆଲୋଚନା ନକରି ଏକାମ କରିବାକୁ ଗଲ ଏଭଳିଭାବେ କହିବେ ନାହିଁ । କର୍ମକର୍ତ୍ତାଙ୍କ ନିକଟରେ ଏହା ହିଁ ମୋର ବକ୍ତବ୍ୟ । କାରଣ ଏହାର ଅଭାବ ଘଟୁଛି, ତାହାହେଲା ଉପଯୁକ୍ତ ଭାବେ ଗଢ଼ିଉଠିଥିବା ରାଜନୈତିକ କର୍ମୀ । ଏ କ୍ଷେତ୍ରରେ ଆମେ ବହୁତ୍ ପଛରେପଡିଛୁ । ଆଜିକାର ଏହି ସମାଜରେ ଏହି ରାଜନୈତିକ ଆବର୍ତ୍ତ ମଧ୍ୟରେ ଯେଉଁସବୁ ବିଭ୍ରାନ୍ତି ରହିଛି, ନକଲି ବିପ୍ଳବୀମାନଙ୍କ

ମଧ୍ୟରେ ଯେଉଁ ପ୍ରଶ୍ନଗୁଡିକ ରହିଛି ପ୍ରଗତିଶୀଳ ବୋଲି ଯେଉଁମାନେ ପରିଚିତ ସେମାନଙ୍କ ମଧ୍ୟରେ ଯେଉଁସବୁ ବିଭ୍ରାନ୍ତି ରହିଛି ସେଗୁଡିକୁ ଦୂର କରିବାକୁ ଚେଷ୍ଟା କରିବାକୁ ହେବ । ଏକଥା ଭାବିବା ଠିକ୍ ନୁହେଁଯେ ସମସ୍ତେ ହିଁ ଜାଣିଶୁଣି ଦଲାଲି କରୁଛନ୍ତି । ଟଙ୍କା ପାଇଁ କରୁଛନ୍ତି । ଏଭଳି ଭାବିବା ଅତି ସରଳିକୃତ ଭାବନା ହେବ । କାରଣ ଅନେକ ହିଁ ସଠିକ୍ ରାଜନୀତି ନବୁଝି ଏମାନଙ୍କ ପଛରେ ଛୁଟୁଛନ୍ତି । ଏମାନଙ୍କ ମଧ୍ୟରେ ଯେଉଁସବୁ ବିଭ୍ରାନ୍ତି ରହିଛି ସେଗୁଡିକୁ ଦୂର କରିବାକୁ ହେବ । ଏହିସବୁ ବିଭ୍ରାନ୍ତିରୁ ମୁକ୍ତ କରିବା ଏବଂ ସଠିକ୍ ରାଜନୀତି ବୁଝାଇବା ଏହା କଷ୍ଟସାଧ୍ୟ କାମ । ଏହା କେବଳ ଉପଯୁକ୍ତ ଭାବେ ପ୍ରସ୍ତୁତ ନିଷ୍ଠାବାନ୍ କର୍ମୀମାନେ ହିଁ କରିପାରନ୍ତି । ଯେଉଁମାନଙ୍କର ଉଦ୍ୟୋଗ ରହିଛି, ନେତୃତ୍ୱ ଦେବାର କ୍ଷମତା ରହିଛି, ଯେଉଁମାନେ ଦଳର ରାଜନୀତି ସ୍ପଷ୍ଟଭାବେ ବୁଝାଇ ପାରନ୍ତି ମୂଳ ବକ୍ତବ୍ୟ କହିବାରେ ଗୋଳମାଳ କରନ୍ତି ନାହିଁ ସେହିଭଳି କର୍ମୀ ବା କ୍ୟାଡର୍ ଆମର ଦରକାର । ଆମର ବହୁ ଭଲ କର୍ମୀଙ୍କ ଭିତରେ ଆମେ ଦେଖୁ ଆଲୋଚନା ବେଳେ ଯେକୌଣସି ବିରୋଧୀ ପକ୍ଷର ଲୋକ ସେମାନଙ୍କୁ ଉତ୍ତେଜିତ କରିଦେଇ ଗୋଟିଏ ପଏଣ୍ଟରୁ ଆଉ ଗୋଟିଏ ପଏଣ୍ଟକୁ କଟେଇଦେଇଯାଇପାରେ । ଆଲୋଚନାରେ ଫସେଇଦେଇ ମୂଳ ପଏଣ୍ଟରୁ ଅନ୍ୟ ଆଡକୁ ଦୂରେଇ ନେଇଯାଇପାରେ । ଅତି ସହଜରେ ହିଁ ଏମାନେ ଏମାନଙ୍କ ଅଗଚୋରରେ ତର୍କ କରୁ କରୁ, ନିଜର ଜ୍ଞାନ ଜାହିର କରୁ କରୁ ଯାହା ସେମାନେ କହିବାକୁ ଚାହିଁଥିଲେ ସେଠାରୁ ଅନ୍ୟସ୍ଥାନକୁ ହଟିଯାଆନ୍ତି । ଏହି କାରଣରୁ ଏହା ଘଟୁଛିଯେ ସେମାନେ ଯଥେଷ୍ଟ ରାଜନୈତିକ ଗଭୀର ଚେତନାର ଅଧିକାରୀ ନୁହଁନ୍ତି । ଆଲୋଚନାରେ ସେମାନେ ସେମାନଙ୍କର ଉଦ୍ଦେଶ୍ୟ ଜାଣନ୍ତି ନାହିଁ । କାରଣ ଯେଉଁମାନେ ପରିପକ୍ୱ ଓ ଦକ୍ଷ ହଜାରେ ଚେଷ୍ଟା କଲେ ମଧ୍ୟ ମୂଳ ପଏଣ୍ଟରୁ ସେମାନଙ୍କୁ ହଟେଇ ହେବନାହିଁ । ବରଂ ଅନ୍ୟଜଣେ ଅନ୍ୟ ଆଡକୁ ଯିବାକୁ ଚାହିଁଲେ ବି ନାନା ଦିଗରୁ ବାନ୍ଧି ରଖି ସେମାନେ ଆଲୋଚନାକୁ ଠିକ୍ ଜାଗାକୁ ଆଣି ପାରନ୍ତି । ଅନ୍ୟଜଣେ ଯଦି ଏପଟଦେଇ ବାହାରି ଯିବାକୁ ଚାହେଁ, ତେବେ ସେ ଜଣେ ଭଲ ମାଛ ଧରାଳି ଭଳି କିଭଳିଭାବେ ତାକୁ ଅଟକାଇ ହୁଏ ଖସି ବାହାରିଯିବାକୁ ଚାହିଁଲେ ବି ବାହାରି ଯାଇପାରିବ ନାହିଁ ସେକଥା ଜାଣେ । କେଉଟ ମାନେ ମାଛ ଧରନ୍ତି – ପୋଖତ ମାଛ ଧରାଳି ହାତରୁ ମାଛ ବାହାରି ଯାଇପାରେ କି ? ତମ ହାତରୁ ଖସି ବାହାରିଯାଏ, କାରଣ ତୁମେ ପୋଖତ ମାଛ ଧରାଳି ନୁହଁ । କଞ୍ଚାଲୋକ ଯିଏ ପୋଖତ ଅର୍ଥାତ୍ ଅଭିଜ୍ଞ ଖସି ବାହାରିଯିବାକୁ ଚାହିଁଲେ ବି ତା ହାତରୁ ଖସି ବାହାରି ଯାଇ ହୁଏନା । ଏକଥା କହିବା ସହଜ, କିନ୍ତୁ କରିବା ଏତେ ସହଜ

ନୁହେଁ । ସେଥିପାଇଁ କର୍ମୀମାନଙ୍କର ଟ୍ରେନିଂ ଦରକାର । ତହା କଣ ପାଠ୍ୟପୁସ୍ତକ ନେଇ ଗତାନୁଗତିକ କ୍ଲାସ କରିହେବ ।

Academic Class(ବହିଧରି ପାସ୍ କରିବା), ମାର୍କ୍ସବାଦର ସାଧାରଣ ତତ୍ତ୍ୱଗତ (general theoritical class) କ୍ଲାସ କରିବା ଏକାନ୍ତ ପ୍ରୟୋଜନ, ନପଢିଲେ, ନଜାଣିଲେ ଚଳେନାହିଁ, ଏହି ତତ୍ତ୍ୱଗତ ଜ୍ଞାନସହିତ ପ୍ରାକ୍ଟିସ୍ (ପ୍ରୟୋଗ)ର ଅଭିଜ୍ଞତା ଏକାସହିତ ଯୁକ୍ତ ନକଲେ ନିଜର ଜ୍ଞାନ ତୀକ୍ଷଣ୍ ହୁଏନାହିଁ । ଏଠିମଧ୍ୟ ପୁରୁଣା କର୍ମୀ, ଅଭିଜ୍ଞ କର୍ମୀ ଦେଖାଯାଆନ୍ତି ଯେଉଁମାନେ ଅଭିଜ୍ଞତାରୁ ବହୁ ବିଷୟ ଶିଖିଛନ୍ତି । କିନ୍ତୁ କ୍ଲାସିକାଲ୍ ମାର୍କ୍ସାବଦର ପଢାପଢି କରିବା, ତାର ବକ୍ତବ୍ୟ ଓ ପ୍ରକାଶଭଙ୍ଗୀ (expression) ସହିତ ପରିଚିତ ରହିବା ଅତି ଜରୁରୀବୋଲି ମନେକରୁନାହାନ୍ତି । ସେମାନେ ମନେକରନ୍ତି ମୂଳ ବକ୍ତବ୍ୟଟି ତ ବୁଝିଛି ଆଉ ଏସବୁର ଦରକାର କଣ ? ଏହା ଠିକ୍ ନୁହେଁ ।

ଏସବୁ ଜାଣିବା ଜରୁରୀ ଏଇଥିପାଇଁଯେ ମୋ ଚିନ୍ତାକୁ, ମୋର କର୍ମଧାରା ଏବଂ ମୋର କର୍ମଶକ୍ତିକୁ ବହୁମୁଖୀ ଓ ଶାଣୀତ କରିବାକୁ ହେଲେ ସମସ୍ତ ଦିଗରୁ ଉପଯୁକ୍ତଭାବେ (equipped) କରିବାକୁ ହେଲେ ସମସ୍ତ ସ୍ତରରେବ କାମ କରିବା ପାଇଁ ଉପଯୁକ୍ତ ଭାବେ ଗଢିତୋଳିବାକୁ ହେଲେ ଏସବୁ ପଢାପଢି କରିବା ଏକାନ୍ତ ପ୍ରୟୋଜନ । ନିଜକୁ ସମସ୍ତ ଦିଗରୁ ପ୍ରସ୍ତୁତ କରିବା ପାଇଁ ପ୍ରୟୋଜନ । ଯେତିକି ସମୟ ସୁଯୋଗ ପାଇବି ତାର ସଦ୍‌ବ୍ୟବହାର କରିବି । ଏକ ଦିଗରେ ପଢାପଢି କରିବି, ଆଳାପ ଆଲୋଚନା କରିବି, ବନ୍ଧୁସୁଲଭ ଭାବେ ଆମର ମତ ବିନିମୟ ଓ ତର୍କବିତର୍କ କରିବି, ଆହୁରି ଭଲଭାବେ ସ୍ୱଚ୍ଛଧାରଣା ପାଇବା ପାଇଁ । ଆଉ ପାରେ ବା ନପାରେ ଜନସାଧାରଣଙ୍କର ଆନ୍ଦୋଳନରେ ନେତୃତ୍ୱ ଦେବାପାଇଁ ଚେଷ୍ଟା କରିବି, ସେମାନଙ୍କର ସମସ୍ୟା ସମାଧାନ କରିବା କ୍ଷେତ୍ରରେ ମୋର ସୃଜନଶୀଳ ପ୍ରସ୍ତାବ ଦେବି – ଏହିଭଳିଭାବେ ଆମେ କ୍ଷମତା ଅର୍ଜନ କରିବୁ । constant common association, constant common discussion, constnt common activity (ଯୌଥ ଜୀବନଯାପନ କରିବା, ଯୌଥଭାବେ ଆଲୋଚନା କ୍ରିୟା କରିବା) – ଏହିହିଁ ହେବ mode of life (ଜୀବନ ଧାରଣର ନୀତି) । ଏକଥା ମନେ ରଖିବା ଦରକାର ଡିସ୍‌କସନ୍‌ଟି ହେବ ଉଦ୍ଦେଶ୍ୟମୁଖୀ । ତାହା ଯେକୌଣସି ବିଷୟ ନେଇ ଆରମ୍ଭ ହେଉ ଶେଷ ପର୍ଯ୍ୟନ୍ତ ତାହାହେବ ରାଜନୀତି ଧର୍ମୀ । ବିନା ଚର୍ଚ୍ଚାରେ କିଛି ଦେଖିହୁଏ ନାହିଁ । ଫଳରେ ଏହା କର୍ମୀମାନଙ୍କୁ ଶିଖାଇବାକୁ ହେବ, ଶିଖିବା ପାଇଁ ସୁଯୋଗ ଦେବାକୁ ହେବ । ତେଣୁ ବ୍ୟକ୍ତିଗତ

ଉଦ୍ୟୋଗ ବଢାଇ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେଥିପାଇଁ ବ୍ୟକ୍ତିଗତ ଚେଷ୍ଟାର ଦିଗ ଯେମିତି ରହିଛି, କମିଟି ଫଙ୍କ୍ସନିଂ ନେତୃତ୍ୱର style of working (କାମ କରିବାର ଶୈଳୀ) କାମ ଉନ୍ନତ କରିବାର ମଧ୍ୟଦେଇ ଏହାକୁ ବଢାଇବା ପାଇଁ ଚେଷ୍ଟା କରିଯିବାକୁ ହେବ । କମିଟି ଫଙ୍କ୍ସନିଂ ଉନ୍ନତ କରିବା କହିଲେ ମୁଁ କହିବାକୁ ଚାହେଁ ଯେ ମିଟିଂ ଗୁଡିକରେ କର୍ମୀମାନଙ୍କୁ ବ୍ୟାପକ ଆଲୋଚନା କରିବା ପାଇଁ ସୁଯୋଗ ଦେବାକୁ ହେବ । ହେଉପଛେ ବିରକ୍ତିକର କଥା, ଅକାର୍ଯ୍ୟକାରୀ କଥା, ଖାଲି ଗୋଟିଏ କଥାର ବାରମ୍ବାର ରିପିଟେସନ୍ ତଥାପି ସେମାନେ ଯୁକ୍ତିତର୍କ କରି ଗୋଟିଏ ଲାଇନ୍ ବାହାର କରିପାରନ୍ତି କି ନାହିଁ ସେଥିପାଇଁ ସୁଯୋଗ ଦେବାକୁ ହେବ । ଯେତେଦୂର ସମ୍ଭବ ଧର୍ଯ୍ୟ ଦରକାର । କଲେକ୍ଟିଭ୍ ବଡି ଗୁଡିକୁ କାର୍ଯ୍ୟକାରୀ କରାଇବାକୁ ହେଲେ maximum patience ନେଇ ଚେଷ୍ଟା କରିବାକୁ ହେବ । ବୁଝି ପାରୁଛି ଯେ ବାଜେ କଥା କହୁଛି, ବୁଝି ପାରୁଛି ଅନ୍ୟମାନଙ୍କୁ ବିରକ୍ତ କରୁଛି ବା ଅଯଥା ସମୟ ନେଉଛି, ଏସବୁ କଣ୍ଟ୍ରୋଲ କରିବାକୁ ହେବ, କଣ୍ଟ୍ରୋଲ କରିବାକୁ ଯାଇ ଆଲୋଚନା ବନ୍ଦ କରିଦେବା ଚଳିବ ନାହିଁ । ଯେତେବେଳେ ଗୋଟାଏ ସିଦ୍ଧାନ୍ତ ନେବାକୁ ହେବ, ବହୁତ ଆଲୋଚନା ହୋଇଛି ଆଉ ସମୟ ଦେଇ ହେବନାହିଁ, ସମୟ ଦେଲେ କାମ ନଷ୍ଟ ହୋଇଯିବ ସେଠି ହୁଏତ ଜଣେ ହସ୍ତକ୍ଷେପ କରିବ ମାତ୍ର ଆମର ଷ୍ଟାଇଲ୍ ଏଭଳି ହେବଯେ  ସେଥିରେ ଆଲୋଚନାର ଆଗ୍ରହ ଯେମିତି ନଷ୍ଟ ହୋଇନଯାଏ । ସେମାନେଯେ ମୁଣ୍ଡ ଖେଳଉଛନ୍ତି, କିଛି କହିବାକୁ ଚାହୁଁଛନ୍ତି, ବିଚାର କରିବାକୁ ଚାହୁଁଛନ୍ତି, ଆଳାପ ଆଲୋଚନା କରୁଛନ୍ତି, ମୁଁ କଣ୍ଟ୍ରୋଲ କରିବାକୁ ଯାଇ ଏହିସବୁ ପ୍ରବଣତା ଯେମିତି ନଷ୍ଟ ହୋଇନଯାଏ । ପୁଣି ସେମାନଙ୍କର ଏହି ଆଲୋଚନାର ପ୍ରବଣତାର ମଧ୍ୟରେ ଯେଉଁ ଝୁଙ୍କଗୁଡିକ ଦେଖାଦିଏ ସେ ବିଷୟରେ ମଧ୍ୟ ସତର୍କ ରହିବାକୁ ହେବ । କେବଳ ତର୍କ କରିବାକୁ ଚାହୁଁଛନ୍ତି, କେବଳ ଜାହିର କରିବାକୁ ଚାହୁଁଛନ୍ତି, ଖାଲି କଥା ବଢାଇବାକୁ ଚାହୁଁଛନ୍ତି – ଏହି ଝୁଙ୍କଗୁଡିକରୁ ସେମାନଙ୍କୁ ମୁକ୍ତ କରିବାକୁ ହେବ । କଥା କହିବା ଦରକାର ଏକ ସଠିକ୍ ସିଦ୍ଧାନ୍ତରେ ପହଞ୍ଚିବା ପାଇଁ । ଏହି କଥାଟିକୁ ସଂକ୍ଷେପରେ ଓ ସୁନିର୍ଦ୍ଦିଷ୍ଟ ଭାବରେ ରଖିବା ପାଇଁ, ପରିଷ୍କାର କରି କହିବା ପାଇଁ – ଏସବୁ ସେମାନଙ୍କୁ ଶିଖିବାକୁ ହେବ । ଗୋଟିଏ ହେଲା ସଂକ୍ଷିପ୍ତ ଭାବେ ମୂଳବକ୍ତବ୍ୟ କହିବା, ଯେତେଦୂର ସମ୍ଭବ ପରିଷ୍କାର କରି କହିବା, ଆଉ ଗୋଟିଏ ହେଲା କେବଳ କଥା ପରେ କଥା ବଢି ଚାଲିଛି, ଯେତିକି ଆଗରୁ ପରିଷ୍କାର ଥିଲା କଥା ବଢାଇବାକୁ ଯାଇ ଆହୁରି

ଅପରିଷ୍କାର ହୋଇଗଲା, ଏହି ଯେଉଁ ବାଜେ ଝୁଙ୍କ – ଏହା ଦୂର କରିବା ପାଇଁ ଆମେ ନିଶ୍ଚେ ଗାଇଡ୍ କରିବୁ । ଗାଇଡ୍ କରିବା ଅର୍ଥ ଏୟା ନୁହେଁ, ତା ମଧ୍ୟରେ ଆଳାପ ଆଲୋଚନା କରିବାର, ଯୁକ୍ତିତର୍କ ପାଲଟା ଯୁକ୍ତି କରିବାର ପ୍ରବଣତାଟିକୁ ନଷ୍ଟ କରିଦିଆଗଲା । ବାଜେ ଝୁଙ୍କଟିକୁ କେମିତି ସେମାନଙ୍କୁ ଦେଖାଇଦେବାକୁ ହେବ ଏହି ଆଳାପଆଲୋଚନା କରିବାର ଉତ୍ସାହଟିକୁ ମଧ୍ୟ ବଜାୟ ରଖିବାକୁ ହେବ । ଏହା ଏକ କଠିନ କାମ । କିଭଳି ଭାବେ କରାଯାଇପାରେ ଏହା ନେତାମାନଙ୍କୁ ଶିଖିବାକୁ ହେବ । ସମାଲୋଚନା କଲି, ମୁଁ ଧମକ୍ ଦେଲି ସେଥିରେ ଶଂକୋଚ ଆସିଗଲା – ଏଭଳି ଯେମିତି ନହୁଏ ନଚେତ୍ ବରଂ ଏଭଳିଭାବେ ଗାଇଡ୍ କରିବି ଯଦ୍ୱାରା ଭବିଷ୍ୟତରେ ଆଳାପ ଆଲୋଚନା କରିବାର ଆଗ୍ରହ ଆହୁରି ବଢିଥାଏ । କେବଳ ସେମାନଙ୍କୁ ଦେଖାଇଦେବାକୁ ହେବ ଯଦ୍ୱାରା ସେମାନେ ଧରିପାରନ୍ତି ସେମାନଙ୍କର କଥା କହିବାର ଇତି ମଧ୍ୟରେ ଅଯଥା ଯୁକ୍ତିତର୍କ କରିବା, କଥା ବଢେଇବାର ଝୁଙ୍କ କେଉଁଠି କିଭଳିଭାବେ ରହିଛି, ସେହିଭଳି ସାଧ୍ୟ ଅନୁଯାୟୀ କର୍ମୀମାନଙ୍କୁ ସାହାଯ୍ୟ କରିବାକୁ ହେବ । ଏଠାରେ କଲେକ୍ଟିଭ୍ ଓ୍ୱାର୍କିଂ ଷ୍ଟାଇଲ୍ ଆମୂଳଚୂଳ ପରିବର୍ତ୍ତନ କରିବା ଦରାକର ।

ମୁଁ ଗତ କ୍ଲାସ୍‌ରେ ଅତ୍ୟନ୍ତ ଦୁଃଖର ସହିତ କହିଛି, ଆମ କର୍ମୀମାନେ ଖୁବ୍ ଭଲ, ଅନ୍ୟମାନେ କହନ୍ତି ଆପଣମାନଙ୍କ କର୍ମୀମାନେ ସବୁଠାରୁ ସଚେତନ, ଆପଣଙ୍କ ମାନଙ୍କ କର୍ମୀମାନେ ସବୁଠାରୁ ଶୃଙ୍ଖଳିତ, ଆପଣଙ୍କ ଦଳ ଉପଯୁକ୍ତ ଶିକ୍ଷାରେ ଶିକ୍ଷିତ ବିପ୍ଳବୀ ଦଳ – ମୁଁ ପୂର୍ବରୁ କହିଛି, ଆଜି ବି କହୁଛି, ଏସବୁ କଥାରେ କର୍ମୀମାନଙ୍କ ମତରେ ଆତ୍ମସନ୍ତୁଷ୍ଟି ଆସୁଛି । ଆମ ଭିତରେ ଦୁର୍ବଳତା କେଉଁଠି ତାହା ନିଜକୁ ବୁଝିବାକୁ ହେବ । ଚଳନ୍ତି କଥାରେ ଗୋଟିଏ କଥା ରହିଛି, "ବୃନ୍ଦାବଣରେ କଟାସ ବାଘ" । କଟାସ ହେଲା ବଣଭୂଆ, ସେଭଳି ବାଘ ହୋଇ ଆମର ଲାଭ ନାହିଁ । ଅନ୍ୟ ଦଳଗୁଡିକ ଅପଦାର୍ଥ, ଅସତ୍, ଶୃଙ୍ଖଳାହୀନ, ଆଜେବାଜେ କାମ କରୁଛନ୍ତି, ଆମେ ସେଭଳି ନୋହୁଁ । ସେଥିରେ କଣ ଯାଏଆସେ, ଅନ୍ୟମାନେ କିଛି ପାରନ୍ତି ନାହିଁ, ଆମେ କିଛି ତ୍ୟାଗ କରିପାରୁ, ଅନ୍ୟମାନେ କିଛି ବୁଝନ୍ତି ନାହିଁ, ଆମେ କିଛି କଥା ଶିଖିଛୁ, ତାଦ୍ୱାରା କଣ ଯାଏଆସେ ? ତାଦ୍ୱାରା କଣ ଆମେ ବିପ୍ଳବୀ କର୍ମକାଣ୍ଡ ସଫଳ କରିପାରିବୁ ? ତେଣୁ କହୁଥିଲି ବୃନ୍ଦାବଣରେ କଟାସ ବାଘ ହୋଇ ଲାଭ ନାହିଁ । ଆମ କର୍ମୀମାନେ ଭଲ, ଖୁବ୍ ସତ୍, ଏକଥା ଶୁଣି ଶୁଣି ମୋତେ ବିରକ୍ତ ଲାଗେ, କାରଣ ଏହାର କୃତୀତ୍ୱ ଆମଉପରେ ଆସି ପଡେ । ଏଇ ଯେମିତି ଆମର ଜଣେ କମ୍ରେଡଙ୍କୁ ଅନ୍ୟ ଦଳର ଜଣେ ନେତା କହିଛନ୍ତି, "ନା, ଦେଖବାବା ଏକଥା ସବୁ କଥା କୁହନାହିଁ ।

ସେହି ଲୋକଟା ବସି ବସି କ୍ୟାଡର ତିଆରି କରୁଛି, ଆଉ ଯେଉଁସବୁ କ୍ୟାଡର ତିଆରି ହେଉଛନ୍ତି ସବୁ ଦେଖି ଦେଖି ଅକଲ୍ ଗୁଡୁମ୍ ହୋଇଯାଉଛି । ମୁଁ ଦେଖୁଛି, ଅନ୍ୟମାନେ ଯାହା ପ୍ରସଂଶା କରନ୍ତୁ ଆମ କର୍ମୀମାନେ not upto the mark । କର୍ମୀମାନଙ୍କର କଥାବାର୍ତ୍ତା ଶୁଣିଲେ ହିଁ ମୁଁ ଆଜିକାଲି ବିରକ୍ତ ହୋଇଯାଏ । କଣ କହନ୍ତି ଆଉ କଣ ନକହନ୍ତି ଏସବୁ କଥାର ଅଗମୂଳ ମୁଁ କିଛି ବୁଝିପାରେନା । ଏମାନଙ୍କ ସହିତ ମୁଁ ୨୪ଘଣ୍ଟା ଯୋଗାଯୋଗ କରେ । ନେତୃସ୍ଥାନୀୟ କମ୍ରେଡମାନେ ବି ବିଷୟଟିକୁ ପରିଷ୍କାର କରିବାକୁ ଯାଇ ଆହୁରି ଓଲଟାପାଲଟା କରିଦେଉଛନ୍ତି । ହୁଏତ ଏହିଟି ହିଁ କେତେକାଂଶ ପରିଷ୍କାର ଥିଲା, ଆହୁରି ପରିଷ୍କାର କରିବାକୁ ଯାଇ ଗୋଳମାଳ କରିପକାଇଲେ । ସଂକ୍ଷେପରେ ଓ ସୁନିର୍ଦ୍ଦିଷ୍ଟଭାବରେ କଥା କହିବି, ପରିଷ୍କାର କରିବା ପାଇଁ କହିବି, ଅଡୁଆ ଖୋଲିବା ପାଇଁ କହିବି, ବିଭ୍ରାନ୍ତି ଦୂର କରିବା ପାଇଁ କହିବି, ବକ୍ତବ୍ୟ ଏବଂ ବିଷୟଗୁଡିକ ଏଭଳି ଭାବେ କହିବି ଯାହାଫଳରେ ତୀକ୍ଷ୍ଣ ହୋଇ ମଣିଷର ମନକୁ ଆକର୍ଷିତ କରିପାରେ । କିନ୍ତୁ ବହୁତ କଥା କହିଲି, ବିଶ୍ୱର ଜ୍ଞାନ ଜାହିର କଲି, କିନ୍ତୁ ଯାହା କହିବାକୁ ଚାହିଁଥିଲି, ଯାହା କହିବା ଦରକାର ଥିଲା, ସେକଥା କୁହାହେଲା ନାହିଁ । ଅଥଚ ଅପ୍ରୟୋଜନୀୟ କଥା କହି ଆସର ଗରମ୍ କରିଦେଇଆସିଲି । ଏଭଳି କିଛି ପାରାସାଇଟ୍ ଇଣ୍ଟେଲେକ୍ଚୁଆଲ୍ (ବହି ମୁଖସ୍ତ କରିଥିବା ପରାଙ୍ଗପୁଷ୍ଟ ବୁଦ୍ଧିଜୀବୀ କମ୍ରେଡ ଅଛନ୍ତି ଯେଉଁମାନେ କେବଳ ଜ୍ଞାନ ଜାହିର କରନ୍ତି, ବିଶ୍ୱ ରାଜନୀତିର ସବୁକଥା ଜାହିର କରନ୍ତି, ମାତ୍ର ମୂଳ ଉଦ୍ଦେଶ୍ୟଟି ହରାଇ ବସନ୍ତି । ଏସବୁ କଥା ଶୁଣି ଶୁଣି ମୁଁ ଅସ୍ଥିର ହୋଇଯାଉଛି । ପୁଣି କିଛି ବହୁ ଦିନର ପୁରୁଣା କମ୍ରେଡ ଅଛନ୍ତି ଯେଉଁମାନେ କଥା କହି ଜାଣନ୍ତି ନାହିଁ । କିଭଳିଭାବେ ଗୋଟିଏ ପଏଣ୍ଟ ଧରି ବକ୍ତବ୍ୟ ରଖିବାକୁ ହୁଏ, ଅନ୍ୟର ବକ୍ତବ୍ୟ ଶୁଣି କିଭଳିଭାବେ ପଏଣ୍ଟ ରଖିବାକୁ ହୁଏ, ଏସବୁ ଶିଖିନାହାନ୍ତି ।)"

ଆଉ ଗୋଟିଏ ବିଷୟ ମତେ ଅତ୍ୟନ୍ତ agitate (ଉଦ୍‌ବିଗ୍ନ) କରୁଛି । ଏହି situation (ପରିସ୍ଥିତିରେ) ଅନ୍ୟମାନଙ୍କର ଭ୍ରାନ୍ତ ରାଜନୀତି, ସୁବିଧାବାଦୀ ରାଜନୀତି expose (ମୁଖା ଖୋଲିଦେଇ) ଆମର ସଠିକ ରାଜନୀତି ତୋଳି ଧରିବାର ଯେଉଁ କାମ, ଜନଗଣଙ୍କ ବିଭ୍ରାନ୍ତି ଦୂର କରିବାର ଯେଉଁ କାମ,(masses ର confusion eradicate) ଆମ ଦଳର ପତ୍ରିକାଗୁଡିକ କଣ ସେହି ଉଦ୍ଦେଶ୍ୟ (purpose) ଅନୁଯାୟୀ ସଠିକଭାବେ କରୁଛି ? ମୁଁ ତ ମନେ କରେ ସେହିଭଳି decissively ଚାଲୁ ନାହିଁ । ଏହାର କାରଣ କଣ ? ଏହାର କାରଣ ହେଲା ଏଠି ମଧ୍ୟ political initiative lack କରୁଛି ।

Propaganda ଏକ ବଡ କାମ । ବଡ ବିପ୍ଳବୀ (Revolutionary) ନ ହେଲେ Revolutionary purposiveness  ମୁଣ୍ଡ ଭିତରେ continuously ନ ଥିଲେ ଭଲ propagandist  ହେବା ସମ୍ଭବ ନୁହେଁ । କାରଣ ସେ ବୁଝି ପାରେନା କେଉଁ କଥାଟି କେଉଁ ସମୟରେ କିଭଳିଭାବେ କହିବା ଦରକାର । ସତ୍ୟକୁ ବିକୃତ କରିବି ନାହିଁ, କିନ୍ତୁ ସତ୍ୟ ଉପସ୍ଥାନର ଷ୍ଟାଇଲ୍‌ଟି ଭାରି ଗୁରୁତ୍ୱପୂର୍ଣ୍ଣ । ବିପ୍ଳବୀମାନେ with out any purpose (ଉଦେଶ୍ୟହୀନଭାବେ) ସବୁସ୍ଥାନରେ ସବୁକଥା କହନ୍ତି ନାହିଁ, ଯେଉଁ କଥାଟି କହିଲେ ମୂଳ ରାଜନୀତିଟିକୁ ବୁଝାଇବା ଅସୁବିଧା ହେବ, ମୂଳ ସତ୍ୟଟିକୁ ବୁଝାଇବା ପାଇଁ ହେବ, ଆମେ ସେହି ସମୟରେ ସେହି କଥାଟିକୁ କହୁନା । ପ୍ରୟୋଜନରେ ଅନ୍ୟ ଏକ ସମୟରେ ସେହି କଥାଟି କହୁ । ଏହି ଘଟଣାଟି ଜାଣିବାକୁ ଚାହିଁଲେ ନିଶ୍ଚିତଭାବେ କହୁ କିନ୍ତୁ ଏକ ବିଶେଷ ସମୟରେ ବିଶେଷଭାବେ କହୁ । ଆମର ଲକ୍ଷ୍ୟ ଯେତେବେଳେ ଗୋଟିଏ ବିଷୟକୁ ସ୍ୱଷ୍ଟଭାବେ ବୁଝାଇବା ସେତେବେଳେ ତାହା ଆହୁରି enlighten କରିବା ପାଇଁ ଆହୁରି ଉଦ୍‌ଭାଶିତ ଓ ପ୍ରକାଶିତ ହେବାପାଇଁ ଅନ୍ୟର ଉପଲବ୍ଧିକୁ ଆହୁରି ପରିଷ୍କାର କରିବା ପାଇଁ ଯେଉଁସବୁ ବିଷୟଗୁଡିକ କହିଲେ ତୁଳନାମୂଳକ ଭାବେ ସୁବିଧା ହେବ, ଆମେ ସେହିଗୁଡିକ ହିଁ କହୁ । ଏହା ପରିଷ୍କାର ନଥିଲେ ବିଚ୍ଛିନ୍ନଭାବେ ବିଭିନ୍ନ fact (ତଥ୍ୟ) କହିବା ଝୁଙ୍କରେ ମୁଁ ଯେଉଁ ମୂଳ ସତ୍ୟଟିକୁ ବୁଝାଇବା ପାଇଁ ଚାହିଁଥିଲି, ସେହି ବୁଝାଇବାଟା ହିଁ ଆହୁରି ଗୋଳମାଳ ହୋଇଗଲା । ଏଭଳି କରିବା ଅର୍ଥହେଲା ସେ ବିପ୍ଳବୀ ରାଜନୀତିର ଅସଲ କଥାଟି ହିଁ ବୁଝେନାହିଁ । ନେତୃତ୍ୱ ସ୍ତରରେ ମଧ୍ୟ ଏହି ସମସ୍ୟା ରହିଛି । ସାଧାରଣ କର୍ମୀମାନଙ୍କର କଥା ଏଠାରେ ଆଲୋଚନା କରି ମୋର ଲାଭ ନାହିଁ । ନେତାମାନଙ୍କର କଥା କହିବାର ଏକ ଉଦ୍ଦେଶ୍ୟ ରହିଛି, ଏକ ରିପୋର୍ଟ ଦେବାର ପଲିଟିକାଲ୍ ଷ୍ଟାଇଲ୍ (ରାଜନୈତିକ ରୀତି) ରହିଛି । ଯେଉଁମାନେ revolution କରନ୍ତି(ବିପ୍ଳବ ଚାହିଁନ୍ତି) ସେମାନେ ଜାଣିବା ଦରକାର କେଉଁ ସମୟରେ କେଉଁ କଥାଟି କିଭଳିଭାବେ କହିବେ । କିଭଳିଭାବେ କହିବେ । କିଭଳିଭାବେ କହିଲେ କଥାଟି ଆହୁରି ତୀକ୍ଷ୍ଣ ହେବ, ମୂଳ ରାଜନୈତିକ ସଂଗ୍ରାମକୁ ଆଗେଇବାରେ ସାହାଯ୍ୟ କରିବ । ଯେଉଁ ଶକ୍ତିଗୁଡିକ ସମ୍ପର୍କରେ ବିଭ୍ରାନ୍ତି ଦୂର କରି ମୋତେ ଆସ୍ଥା ଅର୍ଜନ କରିବାକୁ ହେବ, ସେହି ସଂଗ୍ରମକୁ ସାହାଯ୍ୟ କରେନାହିଁ–ମୁଁ ସେଭଳିଭାବେ କଥା କହିପାରେନା । ଉଦ୍ଦେଶ୍ୟହୀନ ଭାବେ ମୁଁ କେତେଗୁଡିଏ ତଥ୍ୟ କହିଲି ଯାହାକି ସତ୍ୟଟିକୁ ପରିଷ୍କାର କରିବା ପଥରେ ଆହୁରି ଅଡୁଆ ସୃଷ୍ଟି କଲା । ମୋତେ ଆଗେଇବାକୁ ହେଲେ ଏସବୁକୁ ସଫା କରି

ଆଗେଇବାକୁ ହେବ । ଏହିଯେ (unpurposive way of putting reports, writing articles) (ଉଦ୍ଦେଶ୍ୟହୀନ ଭାବେ ରିପୋର୍ଟ ଦେବା ଏବଂ ପ୍ରବନ୍ଧ ଲେଖିବା) ଏସବୁ ହେଲା ଗୁରୁତ୍ୱପୂର୍ଣ୍ଣ ସମସ୍ୟା । ଲୋକଙ୍କ ଭିତରେ ଦଳସମ୍ପର୍କରେ ଆକର୍ଷଣ ବଢ଼ିଛି, ଏକଦା ଗଣଦାବୀର ସାର୍କୁଲେସନ୍ ବିଶେଷ ଭାବେ ବଢ଼ାଇବାର ଚେଷ୍ଟା କରାଯାଇଥିଲା । ଏହା ୨୭ ହଜାର ପର୍ଯ୍ୟନ୍ତ ଯାଇଥିଲା । ବର୍ତ୍ତମାନ କମି ୧୫ ହଜାର, ତାହାମଧ୍ୟ ଠିକ୍‌ଭାବେ ବିକ୍ରି ହୁଏନାହିଁ ବା ବିକ୍ରି ହେଲେ ସଠିକ୍ ଦାମ୍ ଜମା ପଡେନାହିଁ । କର୍ମକର୍ତ୍ତାଙ୍କର ବକ୍ତବ୍ୟ ହେଲା, ନ୍ୟୁଜ୍ ପ୍ରିଣ୍ଟର ଦାମ୍ ବଢ଼ିଛି, ମୁଖପତ୍ରର ଦାମ୍ ଠିକ୍‌ଭାବେ ଜମା କରୁନାହାନ୍ତି, କେମିତି ଚଳେଇବୁ ଆଉ ଏଭଳିଭାବେ ଚଳେଇବାକୁ ଗଲେ ପ୍ରେସ୍ ଉଠିଯିବ, ନ୍ୟୁଜ୍ ପ୍ରିଣ୍ଟର ଦାମ୍ ଯେତେବେଳେ ବେଶୀ, କମ୍ରେଡମାନେ ଯେତେବେଳେ ଠିକ୍‌ଭାବେ ଦାମ୍ ଦେଉନାହାନ୍ତି, ପ୍ରେସ୍ ଯେତେବେଳେ ଉଠିଯିବ ସେତେବେଳେ ଆଉ କଣ କରିପାରିବା । ୭ ହଜାର କପିର ଦାମ୍ ଜମାଦେଲେ ୭ ହଜାର ଛପେଇବା, ଆଉ ଯଦି ୬ ହଜାର ଦାମ୍ ଦିଅନ୍ତି ୬ ହଜାର ଛପେଇବା, ୩ ହଜାର କପିର ଦାମ୍ ଜମାଦେଲେ ୩ ହଜାର ଛପେଇବା । ଏହା କଣ executive ମାନଙ୍କର artitude (ଦୃଷ୍ଟିଭଙ୍ଗୀ) ହେବ ? ଏହି executive ମାନେ ପଲିଟିକାଲି ବିଷୟଟିକୁ ଭାବୁନାହାଁନ୍ତି, ଯେ ୨୭ ହଜାରରୁ ୧୫ ହଜାରକୁ ଖସି ଆସିଲା କାହିଁକି ? ଆଉ କାହିଁକି ୧୫ ହଜାରର ଦାମ୍ ଜମା ଦେଉନାହାନ୍ତି ? କାହିଁକି ଏହି ପରିସ୍ଥିତିରେ ଜନସାଧାରଣଙ୍କ ମଧ୍ୟରେ ଦଳ ସମ୍ପର୍କରେ ଯେଉଁଠି ଆଗ୍ରହ ବଢ଼ିଛି ସେଠି ପତ୍ରିକା ବିକ୍ରି ବଢ଼ିବନାହିଁ ? ପତ୍ରିକା ବିକ୍ରି ଯେମିତି ବଢେ ଦାମ ଯେମିତି ଠିକଭାବେ ଜମା ଦିଅନ୍ତି ସେଥିପାଇଁ ଆମର କଣ କଣ କରିବା ଦରକାର ଏଗୁଡ଼ିକ ହେଲା executive ମାନଙ୍କର ପଲିଟିକାଲ ଚିନ୍ତା ଭାବନା । ତାହା ନକରି ଅଫିସ୍ କୈନ୍ଦ୍ରୀକ (ବ୍ୟୁରୋକ୍ରାଟିକ୍) ଚିନ୍ତା କରୁଛନ୍ତି । Bureaucratic style of work immediately (ଅବିଳମ୍ବେ ଅମଲାତାନ୍ତ୍ରିକ କର୍ମରୀତି) ଦୂର କରିବା ଦରକାର । We do not want bureaucratic leadership, we want political leadership. ଏହି ପଲିଟିକାଲ ଲିଡରସିପ୍ ଉନ୍ନତ କରିବାକୁ ଯାଇ ଯଦି ରୁଟିନ୍ ୱାର୍କ କେତେକାଂଶରେ disturbed ହୁଏ ତ ହେଉ- ଯଦିଓ ରୁଟିନ୍ ୱାର୍କ disturbed ନହେବା ଭଲ । Executive ମାନେ କହିବେ ଏଭଳି କଲେ କୌଣସି ସିଷ୍ଟମ୍ ରହିବନାହିଁ । ଯଦି ନରହେ ରହିବନି । ସିଷ୍ଟମ୍ ରଖିବା ପାଇଁ ଆମେ ସାଧନୁଯାୟୀ ଚେଷ୍ଟା କରିବୁ । କିନ୍ତୁ ସିଷ୍ଟମ୍ ରଖିବୁ ଅଥଚ ପଲିଟିକାଲ୍ ଲିଡରସିପ୍ ମରିଯିବ- ଏହି ଉଭୟ

ମଧ୍ୟରେ ମତେ ବାଛିନେବାକୁ କୁହାଗଲେ ମୁଁ କହିବି ପଲିଟିକାଲ୍ ଲିଡର୍‌ସିପ୍ ଦରକାର । ପ୍ରୟୋଜନ ହେଲେ ସିଷ୍ଟମ୍ ଚୁଲିକୁ ଯାଉ । କିନ୍ତୁ ଯୋଗ୍ୟତାର ପ୍ରମାଣ ହେଲା ସଷ୍ଟମ୍ ବି ରଖିପାରୁଛ ଏବଂ ପଲିଟିକାଲ୍ ଲିଡର୍‌ସିପ୍ ମଧ୍ୟ ସଦାସର୍ବଦା constantly କାମ କରୁଛି ।

ଏହି ପଲିଟିକାଲ୍ ଲିଡର୍‌ସିପ୍‌ର ଗୋଟିଏ ବଡକାମ ହେଲା ବାସ୍ତବ ଅବସ୍ଥାର ସଠକ୍ ମୂଲ୍ୟାୟନ । ଆମ ଦଳର ସୁନାମ ବଢିଛି, ଆଉ ଜନସମର୍ଥନ ବଢିଛି, କର୍ମୀସଂଖ୍ୟା ମଧ୍ୟ ବଢିଛି, କିନ୍ତୁ ପତ୍ରିକା ବିକ୍ରି କମୁଛି କାହିଁକି ? Sale proceed (ଦାମ୍) ଦେଉଛନ୍ତି କି ଦେଉନାହାନ୍ତି, କେବଳ ତାଦ୍ୱାରା ଆମର ସିଦ୍ଧାନ୍ତ ସ୍ଥିର ହେବ କାହିଁକି ? ରିପୋର୍ଟଟିକୁ ତ ଆମର ସଠିକ୍ ଭାବେ ବୁଝିବା କଥା, ଦର୍ଶାଇଦେବାର କଥା, କର୍ମୀମାନଙ୍କର କେଉଁଠି ଭୁଲ୍ ହୋଇଛି, କେଉଁଠି ସେମାନେ ଫେଲ୍ କରୁଛନ୍ତି, କେଉଁଠି ସେମାନେ ଗତାନୁଗତିକ ଚିନ୍ତାର ଶୀକାର ହୋଇପଡୁଛନ୍ତି, କାହିଁକି ସେମାନେ ଗୋଟିଏ କାମ ଭିତରେ ଆଉ ଗୋଟିଏ କାମକୁ ମିଶାଇ ପାରୁନାହାନ୍ତି- ଏସବୁ ଦେଖିବା ନେତାମାନଙ୍କର କାମ । ଯେତେବେଳେ ସେମାନେ କୌଣସି ଆନ୍ଦୋଳନ କରନ୍ତି, ସେମାନେ ଯେତେବେଳେ ବିଭିନ୍ନ କାର୍ଯ୍ୟକ୍ରମ କରନ୍ତି ସେତେବେଳେ ସେମାନେ ଜାଣନ୍ତି ନାହିଁ ଯେ କାମର ପରିଧି ଯେତେବେଳେ ବଢେ ସେତେବେଳେ କିଭଳିଭାବେ ତାରି ସହିତ ପତ୍ରିକା ବିକ୍ରି ମଧ୍ୟ ବଢିପାରେ । ସେମାନେ ମନେ କରନ୍ତି, ସେମାନେ ଯେ ପ୍ରୋଗ୍ରାମ୍‌ରେ ବ୍ୟସ୍ତ ରହିଛନ୍ତି ପତ୍ରିକା ବିକ୍ରି କରିବାର ପ୍ରୋଗ୍ରମ୍ ତାର parallel (ଅଲଗା) । ସେମାନେ ଭାବନ୍ତି ଏହି ପ୍ରୋଗ୍ରାମ୍‌ଟି ଆଗ ଶେଷ ହୋଇଯାଉ, ତାପରେ ମୁଁ ଖିଆପିଆ କରି ଉପରଓଳି ପତ୍ରିକା ବିକ୍ରି କରିବାର ପ୍ରୋଗ୍ରାମ୍‌ରେ ବାହାରିବି, ଏ ଦୁଇଟି ଯେମିତି ଅଲଗା ପ୍ରୋଗ୍ରାମ୍ । ଫଳରେ ଗୋଟିଏ ପ୍ରୋଗ୍ରାମ୍ ଆସିଗଲା, ପତ୍ରିକା ବିକ୍ରି ବନ୍ଦ ହୋଇଗଲା । ଅଥଚ ପତ୍ରିକା ହେଉଛି ଜଣେ ବିପ୍ଳବୀର continous ସାଥୀ । ବିପ୍ଳବୀ ଯେଉଁଠିକି ଯାଏ ତାସହିତ ପତ୍ରିକା ନେଇଯାଏ । ମୁଁ ଯେଉଁଠିକି ଯାଏ, ଯେକୌଣସି ଆନ୍ଦୋଳନ କରେ ତା'ସହିତ ପତ୍ରିକା ନେଇଯାଏ ଏବଂ ପତ୍ରିକା ବିକ୍ରିକରେ । ତାହେଲେ ଲିଡର୍‌ସିପ୍‌କୁ ମଧ୍ୟ ପତ୍ରିକା ବିକ୍ରିଟିକୁ ପଲିଟିକାଲି ଦେଖିବାକୁ ହେବ । ୟୁନିଟ୍ ଆସି କହିଲା ଆମ ପକ୍ଷରେ ଏହାଠାରୁ ଅଧିକ ବିକ୍ରି କରିବା ସମ୍ଭବ ନୁହେଁ, ଏହାଠାରୁ ଅଧିକ ଆମେ ବିକ୍ରି କରିପାରିବୁ ନାହିଁ । ଲିଡର୍‌ସିପ୍ ଜାଣିବାକୁ ଚାହିଁଲେ ତୁମେ କେତେ ନେଇପାରିବ, ୟୁନିଟି ଜବାବ୍ ଦେଲା ଆମେ ଏତିକି ନେଇପାରିବୁ । ନେତୃତ୍ୱ କହିଲା, ନା ଏହାଠାରୁ ଅଧିକ ନେବା ଦରକାର । ୟୁନିଟ୍ ଜବାବ୍ ଦେଲା ନା ନା ଆମେ ଆଉ ବେଶୀ ନେଇପାରିବୁ ନାହିଁ । ନେତୃତ୍ୱ ମାନିନେଇ

କହିଲା ତାହେଲେ ଠିକ୍ ଅଛି ଏହାଠାରୁ ଯେତେବେଳେ ତମେ ଆଉ ବେଶୀ ନେଇପାରିବ ନାହିଁ ସେଇୟା ହିଁ ହେବ । କାଲି ଯେତେବେଳେ ସେମାନେ ଆସି କହିଲେ ଆମେ ଆହୁରି କମ୍ ନେବୁ, ଆହୁରି କମାଇବାକୁ ଚାହିଁବେ, ନେତୃତ୍ୱ ତାହାମଧ୍ୟ ମାନିନେବ- ଏହାର ନାଁ କଣ ପଲିଟିକାଲ୍ ଲିଡରସିପ୍ ? ପଲିଟିକାଲ୍ ଲିଡରସିପ୍ ହେଲା correct assesement of the situation , ଯେଉଁ କଥାଟି ୟୁନିଟ୍ କହୁଛି ତାହା ବାସ୍ତବ ଅବସ୍ଥାର ଯଥାର୍ଥ ପ୍ରତିଫଳନ କି ନୁହେଁ, ତାହା ଦେଖିବାକୁ ହେବ । ହଁ କଣ୍ଡିସନ୍‌ଟି ଏଭଳି ଯେ ପତ୍ରିକା ବିକ୍ରି ବର୍ତ୍ତମାନ କିଛି କମିବ । ଲକ୍ଷ୍ୟ କରୁଛି ୟୁନିଟ୍ ଯେଉଁ reading ଦେଉଛି ତାହା ସଠିକ୍ ଲିଡରସିପ୍‌ର reading ସହିତ ୟୁନିଟ୍‌ର reading ମିଶି ଯାଉଛି, ସେଠି ଅଲଗା କଥା । କିନ୍ତୁ ଯେଉଁଠି ୟୁନିଟ୍ ସହିତ ଲିଡରସିପ୍‌ର reading ମିଶୁନାହିଁ ସେଠି details ରେ probe (ଗଭିର ଅନୁସନ୍ଧାନ) କରିବାକୁ ହେବ । କାହିଁକି ୟୁନିଟ୍ ଏଭଳିଭାବେ ଭାବୁଛି, କାହିଁକି ପତ୍ରିକା ନେଲେ ବି ତାହା ପଡି ରହୁଛି ଏଗୁଡିକୁ ଲିଡରସିପ୍‌କୁ ତତ୍‌କ୍ଷଣାତ୍ ଖୋଜି ବାହାର କରିବା ଆବଶ୍ୟକ । Not to act according to the suggestion of the unit without critically examining it (ଭଲଭାବେ ଟିକିନିଖିଭାବେ ନଦେଖି କେବଳ ୟୁନିଟ୍‌ର ମତାମତ ଅନୁଯାୟୀ କାମ କରିବା ନୁହେଁ) । ତାହାନହେଲେ କେନ୍ଦ୍ରୀକତାର କୌଣସି ଅର୍ଥ ରହେନାହିଁ । ଲିଡରସିପ୍‌ର କୌଣସି ଅର୍ଥ ରହେନାହିଁ । ଏଭଳି କରିବା ଫଳରେ ବର୍ତ୍ତମାନ କଣ ଚାଲିଛି ? Average democracy ଅର୍ଥାତ୍ ୟୁନିଟ୍ ଯାହା କହିବ ତାହାହିଁ ଚାଲିବ । ପ୍ରାୟ ଏହିଭଳି ବର୍ତ୍ତମାନ ଚାଲିଛି । ୟୁନିଟ୍‌ର କଥା ଶୁଣିବା ତାର suggestion ନେବା ତାଦ୍ୱାରା ନେତୃତ୍ୱର ଧାରାଣାକୁ ଉନ୍ନତ କରିବା ଅର୍ଥ ବର୍ତ୍ତମାନ ୟୁନିଟ୍‌ର ପଛେ ପଛେ ଚାଲିବା । ଏହା ଚଳି ପାରେନା । ୟୁନିଟ୍‌ର ଗତାନୁଗତିକ ଧାରଣା, ସେମାନଙ୍କର ସୀମାବଦ୍ଧତା ଏଗୁଡିକୁ probe କରି ଦେଖିବାକୁ ହେବ । ଏଗୁଡିକ କରିବା ପାଇଁ ସମସ୍ତ ସ୍ତରରେ ଲିଡର୍‌ସିପ୍‌ର ability ଅର୍ଜନ କରିବା ଆବଶ୍ୟକ । ରାଜ୍ୟ, ଜିଲ୍ଲା, ଆଞ୍ଚଳିକ ସମସ୍ତ କ୍ଷେତ୍ରରେ ହିଁ ଏହା ଚର୍ଚ୍ଚା ହେବା ଦରକାର । ଯେଉଁଠି short comings ସେଇଠି ସମାଲୋଚନା ହେବା ଦରକାର । But not with a view to blaming but to help others (ଅନ୍ୟକୁ ଦୋଷୀ ପ୍ରମାଣ କରିବା ପାଇଁ ନୁହେଁ, ସାହାଯ୍ୟ କରିବା ପାଇଁ) । ଏହି ସମାଲୋଚନାରେ not to any how defend my position–ମୁଁ ଏସବୁ କହିବି ନାହିଁ । ମୁଁ ଗୋଟିଏ କାମ କରିପାରେ ନାହିଁ, ସେଥିପାଇଁ ପାଲଟା ଅନ୍ୟ ମୁଣ୍ଡ ଉପରେ ଦୋଷ ଲଦିଦେଇପାରେନା । ବିପ୍ଳବୀ ପାଇଁ ଏହା ଏକ ଅନୈତିକ

କାମ । କେବଳ ଏହା ଯେ ଶୃଙ୍ଖଳା ବାହାରେ ତାହା ନୁହେଁ, ମୁଁ ଏକ ମୂଳ ପ୍ରଶ୍ନ ଏଠି ତୋଳି ଧରିବାକୁ ଚାହେଁ । ମୋର ଅସୁବିଧା ହେଉଛି ବୋଲି I can't criticise others(ମୁଁ ଅନ୍ୟକୁ ସମାଲୋଚନା କରିପାରେନା) । ମୋ ବିରୁଦ୍ଧରେ ଅଭିଯୋଗ ହୋଇଛି ବୋଲି at once ଏକ କାଉଣ୍ଟର ଚାର୍ଜ (ପାଲଟା ଅଭିଯୋଗ) କରିପାରେନା । କାଉଣ୍ଟର ଚାର୍ଜ ଭାବେ ମୁଁ ଯେଉଁ ବକ୍ତବ୍ୟଟି କହିବାକୁ ଯାଉଥିଲି, ତାହା ସଠିକ୍ ହେଲେ ମଧ୍ୟ ସେତେବେଳେ କହିବି ନାହିଁ, ଅନ୍ୟ ସମୟରେ କହିବି, ନୈର୍ବ୍ୟକ୍ତିକ ଭାବେ କହିବି, ମୁଁ ସମାଲୋଚିତ ହୋଇଛି ବୋଲି ତାର defence ରେ କାଉଣ୍ଟର ଚାର୍ଜ କଲେ that is unethical for a revolutionary । ଏସବୁ ଭଲ ବିପ୍ଳବୀ କର୍ମୀଭାବେ ଗଢି ଉଠିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଆମର working improve କରିବାକୁ ହେବ-raise this slogan ଏହି ସ୍ଲୋଗାନ ଉଠାନ୍ତୁ । Each and every comrade must be vigilant about whether my working style is improved, whether our collective working style is improved. Improve in a sense that it has given me a momentum and emotion (ମୋର କାମର ଷ୍ଟାଇଲ ଉନ୍ନତ ହେଉଛି କି ନାହିଁ, ଆମର ଯୌଥ କାର୍ଯ୍ୟକଳାପର ଷ୍ଟାଇଲ ଉନ୍ନତ ହେଉଛି କି ନାହିଁ, ଏ ବିଷୟରେ ପ୍ରତ୍ୟେକ କର୍ମୀକୁ ସଚେତନ ଓ ସତର୍କ ରହିବାକୁ ହେବ । ଉନ୍ନତ ଏହି ଅର୍ଥରେ ଯେ, ତାହା ମୋ ମଧ୍ୟରେ ଏକ ଗତିବେଗ ଓ ଏକ ଆବେଗ ସୃଷ୍ଟି କରିଛି) । ଏହା ଆମ ପ୍ରତ୍ୟେକଙ୍କ ଗତିବେଗ ବଢାଇ ଦେଇଛି, କର୍ମକ୍ଷମତା ଓ ରାଜନୈତିକ ଉଦ୍ୟୋଗ (Political initiative) ବୃଦ୍ଧି କରିଛି । ରାଜନୈତି କ ଚେତନା ବୃଦ୍ଧି କରିଛି, ଆମର ଜନସଂଯୋଗ ଓ ପତ୍ରିକା ବିକ୍ରି ବୃଦ୍ଧି କରିଛି, ଆମର ଗଣ ସଂଗଠନଗୁଡିକର ବିସ୍ତାର କରିଛି । ଏହି ଦିଗକୁ ଲକ୍ଷ୍ୟ ରଖି ଆମର working style improve କରିବାକୁ ହେବ । ପାର୍ଟି ମୁଖପତ୍ର ହେବ ମୋର ନିତ୍ୟ ସଂଗୀ । କାହା ସହିତ ଏକ ଆଲୋଚନା ପରେ ବୁଝିଶୁଝି ପ୍ରୟୋଜନ ଅନୁଯାୟୀ ଯେଉଁ ପତ୍ରିକାଟି ଦେବା ଦରକାର ତାହା ତତ୍କ୍ଷଣାତ ଯେମିତି ଦେଇପାରେ । ଫେରି ଆସି ଆଉ ଜଣେ କମ୍ରେଡକୁ ଯେମିତି କହିବାକୁ ନ ପଡେ, ତୁମେ ଯାଇ ଅମୁକଙ୍କ ଘରେ ପତ୍ରିକାଟି ଦେଇ ଆସ । କାରଣ ଏହା ଦ୍ୱାରା ଅନେକ କ୍ଷତି ହୁଏ । କାରଣ ପ୍ରଥମତଃ ଫେରି ଆସି ଯାହାକୁ କହିଲି ସେ out of mind ହୋଇଯାଇପାରେ, ତାପରେ ଆଉ ଜଣକୁ କହିଲି, ହଇହୋ ନୋଟ କଲ-ଅମୁକଙ୍କୁ ସେହି ପତ୍ରିକାଟି ଦେଇ ଆସିବ, ସେ ପୁଣି ନୋଟ କରି ଅନ୍ୟ ଜଣଙ୍କୁ

ଦାୟିତ୍ୱ ଦେଲେ, ସେ ପୁଣି ଆଉ ଜଣଙ୍କୁ ଦାୟିତ୍ୱ ଦେଲେ, ଏହିଭଳି ସ୍ତରେ ସ୍ତରେ ଦାୟିତ୍ୱ ଦେଉ ଦେଉ ଇତିମଧ୍ୟରେ ଭାତ ପଖାଳ ବନିଗଲା- ପତ୍ରିକା ଆଉ ଯାଇପାରିଲା ନାହିଁ । These are all bad things. ଯେଉଁମାନେ ବ୍ୟାଗ ନେଇ ବୁଲନ୍ତି ସେମାନେ Easily ଏସବୁ carry କରିପାରିବେ । ଏଭଳିଭାବେ ଚାଲିଲେ କ୍ଷତି କଣ, What is the harm ? ଯେଉଁମାନେ ବିଭିନ୍ନ ଫ୍ରଣ୍ଟ ଓ ୟୁନିଟରେ କାମ କରନ୍ତି, ଯେଉଁମାନେ ଚବିଶ ଘଣ୍ଟା ପବ୍ଲିକ୍ ମଧ୍ୟରେ କାମ କରନ୍ତି ସେମାନେ ନିହାତି ଝୁଲାବ୍ୟାଗ ନେଇ ଚାଲିବେ । ଏହି ବ୍ୟାଗରେ ପ୍ରୟୋଜନୀୟ ବହି, ପତ୍ରିକା, ଡକୁମେଣ୍ଟ, ରସିଦ ବହି, ମୋଟାମୋଟି ସବୁ ଜିନିଷ ଥିବ । ଯେତେବେଳେ ସାଂସ୍କୃତିକ ଅବକ୍ଷୟ ଓ ବେକାର ସମସ୍ୟାର ସମାଧାନ ବହିଟି କାହାକୁ ଦେବା କଥା ସେତେବେଳେ ବ୍ୟାଗରୁ ବାହାର କରିଦେବି, ଯେତେବେଳେ ଆଲେଚନା କରୁ କରୁ ଇଣ୍ଡୋ ସୋଭିଏତ ଟ୍ରିଟି ପ୍ରସଙ୍ଗ ଆସିଗଲା ସେତେବେଳେ ବାଂଲାଦେଶ ମୁକ୍ତିଯୁଦ୍ଧ ସମୟରେ ଏହି ଟ୍ରିଟି ପ୍ରସଙ୍ଗରେ ପ୍ରକାଶିତ ପତ୍ରିକାର କପିଟି ତାକୁ ଦେବି । କିନ୍ତୁ ସମସ୍ୟା ହେଲା କର୍ମୀମାନେ ସବୁବେଳେ ଖବର ରଖନ୍ତି ନାହିଁ, କେଉଁ ଇସ୍ୟୁରେ କଣ ପ୍ରକାଶିତ ହେଲା, କାରଣ ସେମାନେ ପଢନ୍ତି ନହିଁ । ଅଧାରୁ ବେଶୀ କର୍ମୀ ସେମାନଙ୍କର ନିଜ ପତ୍ରିକାଟିକୁ ମଧ୍ୟ ଭଲଭାବେ ପଢନ୍ତି ନାହିଁ । ପାର୍ଟିର ସିରିୟସ୍ କର୍ମୀବୋଲି ଯେଉଁମାନେ ପରିଚିତ, ଯେଉଁମାନେ ଜନସାଧାରଣଙ୍କ ମଧ୍ୟରେ actively କାମ କରନ୍ତି, ସେମାନେ ଅନେକ ସମୟରେ ପତ୍ରିକାଟିକୁ ପୁଙ୍ଖାନୁପୁଙ୍ଖଭାବେ ପଢନ୍ତି ନାହିଁ ବା ପଢି ନିଜ ଭିତରେ ଆଲୋଚନା କରନ୍ତି ନାହିଁ । ଫଳରେ ସେମାନେ କେମିତି ଜାଣିବେ, କେଉଁଠି କେଉଁ ମୁଖପତ୍ରରେ କେଉଁ ମୂଲ୍ୟବାନ ପ୍ରବନ୍ଧ ପ୍ରକାଶିତ ହୋଇଛି । ତେଣୁ କମ୍ରେଡମାନେ ପଢୁଛନ୍ତି କି ନାହିଁ, ଟିକିନିଖିଭାବେ ପଢୁଛନ୍ତି କି ନାହିଁ, ଏସବୁନେଇ ନିଜ ଭିତରେ ଆଲୋଚନା କରୁଛନ୍ତି କି ନାହିଁ, ଏସବୁ ନେତାମାନଙ୍କୁ ଦେଖିବାକୁ ହେବ । ଏହା କେବଳ ରୁଟିନ୍ ସର୍କୁଲାର୍ ଦେଇ ୟୁନିଟ୍‌କୁ ହିଁ ଜଣାଇଲେ ହେବନାହିଁ । ନେତାମାନେ ଯେତେବେଳେ କମ୍ରେଡମାନଙ୍କ ସହିତ ଗପସପ କରିବେ, କଥାବାର୍ତ୍ତା କରିବେ, ସେତେବେଳେ କୌଣସି ନା କୌଣସି ସମୟରେ ଏସବୁ ଚେକ୍ (check) କରିବେ । ବିଭିନ୍ନ କଥା ଭିତରେ ଆନ୍ଦୋଳନ ନେଇ ନାନା ଆଲୋଚନା ମଧ୍ୟରେ- ତୁମେ ପତ୍ରିକାଟି ପଢିଛ କି ନାହିଁ, ସେହି ଲେଖାଟି ବୁଝିଛ କି ନାହିଁ, ତୁମେ ପତ୍ରିକା ବିକ୍ରି କରିଛ କି ନାହିଁ, ତୁମ ପତ୍ରିକା ବିକ୍ରି ବଢୁଛି କି ନାହିଁ, ପତ୍ରିକା ବିକ୍ରିର ଦାମ୍ ଠିକ୍ ଭାବରେ ଜମା ଦେଉଛ କି ନାହିଁ, ଏସବୁ ଚେକ୍ କରିବାକୁ ହେବ । ଏହା ଏକ continous process (ଧାରାବାହିକ

ପ୍ରକ୍ରିୟା) । ସବୁକାମ ଭିତରେ ନେତାମାନଙ୍କୁ ଏସବୁ ଖିଆଲ ରଖିବାକୁ ହେବ । ଯେତେବେଳେ ଗୋଟିଏ ଟ୍ରେଡ୍ ୟୁନିୟନ୍ ଧର୍ମଘଟ ହେଉଛି, ଯେତେବେଳେ ଛାତ୍ର-ଯୁବକ ଫ୍ରଣ୍ଟରେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି, ଏପରିକି ଆମ କର୍ମୀମାନେ ଆକ୍ରମଣର ଶୀକାର ହେଉଛନ୍ତି, ସେତେବେଳେ ବି କାମର ଫାଙ୍କ ଭିତରେ ଏସବୁ ପଚାରିବାକୁ ହୁଏ । କମ୍ରେଡମାନଙ୍କ ସହିତ ବିଭିନ୍ନ କଥା କହୁ କହୁ ଏସବୁ ବିଷୟରେ ଖୋଜଖବର ନେବାକୁ ହେବ । ଏହା ମୁଁ କହେ, political behaviour of a leader, political style of existence of a leader (ଜଣେ ନେତାଙ୍କର ରାଜନୈତିକ ଚେତନା ସଂପନ୍ନ ଆଚରଣ, ଜଣେ ରାଜନୈତିକ ନେତାଙ୍କର ଜୀବନଯାପନର ରୀତି) । Otherwise ନେତାମାନଙ୍କର କାମର ଷ୍ଟାଇଲ୍ ହୋଇଯିବ ରୁଟିନ୍ ବ୍ୟୁରୋକ୍ରାଟିକ୍ ଟାଇପ୍ (ଅମଲାତାନ୍ତ୍ରିକ) । ଦିନଗତ ପାପକ୍ଷୟ ଅଫିସକୁ ଆସୁଛନ୍ତି, ଯାଉଛନ୍ତି, ସାର୍କୁଲାର ଦେଉଛନ୍ତି, ୟାକୁ instruction ଦେଉଛନ୍ତି ତାକୁ instruction ଦେଉଛନ୍ତି, ମିଟିଂ ଡାକୁଛନ୍ତି, ୟାକୁ ନୋଟ୍ ଦେଉଛନ୍ତି, ତାକୁ ନୋଟ୍ ଦେଉଛନ୍ତି, ୟା ଚିଠି ପଢୁଛନ୍ତି, ତାର ଉତ୍ତର ଦେଉଛନ୍ତି- ଏସବୁ କଣ political work (ରାଜନୈତିକ କାମ) ? ଏହାତ ଜଣେ କିରାଣୀ (clerk) ବି କରିପାରେ । This is not athe function of a leader (ଏହା ନେତାମାନଙ୍କର ଯଥାର୍ଥ କାମ ନୁହେଁ) । ନେତାମାନଙ୍କୁ ଏସବୁ ଟେକ୍‌ନିକାଲ୍ କାମଗୁଡିକ କରିବାକୁ ହୁଏ । They are all necessary evils - ନକରି ଉପାୟ ନହିଁ ବୋଲି କରିବାକୁ ହୁଏ । ଏସବୁରେ ବହୁ ସମୟ ନଷ୍ଟ ହୁଏ । ଯଦି କର୍ମୀମାନଙ୍କୁ ଆହୁରି ରାଜନୈତିକ ଦିଗରୁ ଚୌକସ (equip) କରିବା ପାଇଁ ସମୟ ମିଳନ୍ତା ତେବେ ଆହୁରି ଭଲ ହୁଅନ୍ତା ।

ଏହି equip (ଚୌକସ) କରିବାର ପଦ୍ଧତି କଣ ଏକାଭଳି କି ? କେବଳ ମିଟିଂ କରିବା, ବ୍ୟକ୍ତିଗତ ଆଳାପ ଆଲୋଚନା କରିବା, ଏକମାତ୍ର ପଦ୍ଧତି ନା କଣ ? ଗପସପ ଭିତର ଦେଇ ତିଆରି କରିବାକୁ ହୁଏ, ଅବଶ୍ୟ ସେହିଭଳି ଗପସପ କରିବାକୁ ହୁଏ, ସେହିଭଳି ଆଡ୍ଡା ଦେଇପାରିବା ଦରକାର ଯେଉଁଠି ହୁଏତ ରାଜନୀତିର ଗୋଟିଏ ବି କଥା ନାହିଁ, ଖାଲି ଗପସପ ହିଁ ରହିଛି, କେବଳ ହସଥଟ୍ଟା ହିଁ ରହିଛି । ତଥାପି କ୍ୟାଡର (କର୍ମୀ) ତିଆରି ହେଉଛନ୍ତି । ସେମାନଙ୍କର ମାନସିକ ଢାଞ୍ଚା ଖୁବ୍ ବଦଳି ଯାଉଛି । ଏସବୁ ତ ଏମିତି ଏମିତି ହୁଏନା । ଏସବୁ ଶିଖିବାକୁ ହୁଏ । ଏସବୁ ଜାଣିବା ପାଇଁ ପ୍ରଧାନ ସର୍ତ୍ତ କେଉଁଟି ? ତା ହେଲା ବିପ୍ଳବ ମୋର ନାଡି ଭିତରେ ମିଶିଯାଇଛି । ବାକି ଅନ୍ୟ ସବୁ ବିଷୟ ବିପ୍ଳବ ଭିତରେ ଖାଦ ହୋଇ

ମିସିଛି । ଆଉ ଅନ୍ୟ ବିଶେଷ କିଛି ନାହିଁ । ବିପ୍ଲବୀ ଚେତନାରେ ଓ କର୍ମଦ୍ୟୋଗରେ ବିଭ୍ରାନ୍ତି ଘଟାଇବା ଆଉତାର କୌଣସି  ଶକ୍ତି ନାହିଁ ବା କେବେହେଲେ ସେଭଳିଶକ୍ତି ନେଇ ମୁଣ୍ଡ ଟେକିବାକୁ ଚେଷ୍ଟାକଲେ ବିପ୍ଲବୀ ଶକ୍ତି ବି ତାକୁ ବାଧାଦିଏ । ମୁଣ୍ଡ ଟେକିବାକୁ ଦିଏନା । ଏଭଳିଭାବେ ନେତାମାନେ ଓ କର୍ମୀମାନେ ନିଜକୁ ତିଆରି କରିବା ପାଇଁ ଚେଷ୍ଟା କରିବେ । ତେଣୁ ଆମର ବର୍ତ୍ତମାନ  ସ୍ଲୋଗାନ୍ ହେବ-to cope with the situation prepare yourself to improve the style of work, develop your political consciousness and political initiative read the organ & literature regulaly increase the circulation of organs go to the people develop organisation and organise mass struggle.(ବର୍ତ୍ତମାନ ପରିସ୍ଥିତିରେ ଆମର ସ୍ଲୋଗାନ୍ ହେବ- ନିଜ କାମର ଷ୍ଟାଇଲ୍ ଉନ୍ନତ କର, ରାଜନୈତିକ ଚେତନାର ଉଦ୍ୟୋଗ ଆହୁରି ବୃଦ୍ଧି କରିବା ପାଇଁ ପ୍ରସ୍ତୁତି ନିଅ, ପାଟିର ମୁଖପତ୍ର ଓ ପୁସ୍ତିକା ନିଜେ ନିୟମିତ ପଢ, ମୁଖପତ୍ରର ପ୍ରଚାର ସଂଖ୍ୟା ବଢାଅ । ଜନସାଧାରଣଙ୍କ ନିକଟକୁ ଯାଅ, ଗଣସଂଗଠନ ଓ ଗଣଆନ୍ଦୋଳନ ଗଢିତୋଳ) । ଏହିଗୁଡିକ ହେଲା ବର୍ତ୍ତମାନ ସମୟର main task (ପ୍ରଧାନ କାମ) ।

If we can get read of the basic weakness from which we are suffering (ଯେଉଁ ମୂଳ ଦୁର୍ବଳତାଗୁଡିକ ଆମର ରହିଛି, ଯଦି ଆମେ ସେଥିରୁ ମୁକ୍ତ ହୋଇପାରୁ),  ଯେଉଁ ଦୁର୍ବଳତାଗୁଡିକ ରହିବା ଫଳରେ ଆମର ଯେଉଁ ଶକ୍ତି ମହଜୁଦ୍ ରହିଛି ତାହା ସମ୍ପୂର୍ଣ୍ଣଭାବେ ଆମେ ସଦ୍‌ବ୍ୟବହାର କରିପାରୁନାହୁଁ । ସେଗୁଡିକୁ ଦୂର  କରିପାରିଲେ ଏ situation (ପରିସ୍ଥିତି)କୁ କାମରେ ଲଗାଯାଇପାରିବ । ଏମିତିରେ ହିଁ ଏତେବଡ ଏକ ବିଶାଳ ଦେଶ ତୁଳନାରେ ଆମର ଯାହା resource(କ୍ଷମତା) ରହିବା ଦରକାର ତା ନାହିଁ । ସେହି ତୁଳନାରେ we are lagging far behind (ବହୁତ ପଛରେ ପଡିଛୁ) । ଆଗାମୀ କିଛି ଦିନ ଭିତରେ ସେହିଭଳି ଶକ୍ତି ଅର୍ଜନ କରିବା କଠିନ । ତଥାପି ଆଉ ଏକ ଦିଗରୁ ଯେଉଁସବୁ ଘଟଣା ଘଟୁଛି, ଜନସାଧାରଣଙ୍କର ସଂଗ୍ରାମ ମୁଖୀ ମାନସିକତା ଯେଉଁଭଳିଭାବେ ଦେଖାଦେଉଛି ପାଟି ସମ୍ପର୍କରେ କ୍ରମବର୍ଦ୍ଧମାନ ଆଗ୍ରହ ଯେଉଁଭଳିଭାବେ ବଢି ଚାଲିଛି ସେହି ଅବସ୍ଥାରେ ଆମର ଏହି ସୀମିତ ଶକ୍ତିକୁ କର୍ମୀମାନେ ଯଦି ସମସ୍ତେ ସଠିକ୍‌ଭାବେ କାମରେ ଲଗାଇବା ପାଇଁ ରାଜନୈତିକ ଚେତନା ଓ କର୍ମକ୍ଷମତା ବୃଦ୍ଧି କରନ୍ତି, ତର୍କ ବିତର୍କ ଓ ଆଳାପ

ଆଲୋଚନା କରିବାର କାଇଦା ଓ କୌଶଳ ଆୟତ କରନ୍ତି, ମୁଖପତ୍ର ଗୁଡିକର ସାର୍କୁଲେସନ୍ ବଢାନ୍ତି ତାହେଲେ ଆମର ଅଗ୍ରଗତିର ଗତିବେଗ ଅନେକାଂଶରେ ବଢିଯିବ । ଜନଗଣଙ୍କୁ ବୁଝେଇବାକୁ ହେବ ମୁଳ ଶତ୍ରୁ ହେଲା ପୁଞ୍ଜିବାଦ, ଏହାକୁ ଉଛେଦ କରିବାକୁ ହେବ । କୃଷି ଓ ଶିଳ୍ପ ଶ୍ରମିକ, ଅର୍ଦ୍ଧସର୍ବହରାମାନଙ୍କୁ ସାଙ୍ଗରେ ନେଇ ପୁଞ୍ଜିବାଦକୁ ଉଛେଦ କରିବେ । ଆଉ ଏହି ଲଢେଇର ବିଜୟର ନିଶ୍ଚୟତା ନିର୍ଭର କରୁଛି ନକଲି ମାର୍କ୍ସବାଦୀମାନଙ୍କୁ ଜନସାଧାରଣଙ୍କ ଠାରୁ ବିଛିନ୍ନ କରିପାରିବା ଉପରେ । ଦେଖିବାକୁ ହେବ କମ୍ରେଡମାନେ ଯେମିତ ଦଳର ରାଜନୀତି ଓ ପରିସ୍ଥିତି ସଠିକ୍‌ଭାବେ ବୁଝିପାରନ୍ତି ଏବଂ ସେହିଭଳି ଭାବେ ଜନସାଧାରଣଙ୍କୁ ବୁଝାଇ ପାରନ୍ତି, ଠିକ୍ ଠିକ୍ ଭାବରେ ସଚେତନ କରାଇ ପାରନ୍ତି । କେବଳ ପୁଞ୍ଜିବାଦ ବିରୁଦ୍ଧରେ ବକ୍ତୃତା ଦେଇ ଚାଲିଆସିଲେ, ସର୍ବହରା ବିପ୍ଳବର ଭୂମିକା କଣ ଏହିକଥା କହି ଚାଲିଆସିଲେ, ଖାଲି କଂଗ୍ରେସ କଣ କରୁଛି ତାର ଏକ ବିବରଣୀ ଦେଇ ଚାଲିଆସିଲେ– ଏହା କଣ ଏକ ପୂର୍ଣ୍ଣାଙ୍ଗ ରାଜନୈତିକ ବକ୍ତୃତା ? ନା । ଭାଷଣରେ ସମସ୍ତ ସମସ୍ୟା ସହିତ ଯୁକ୍ତକରି ଦେଖାଇବାକୁ ହେବ କାହିଁକି ପୁଞ୍ଜିବାଦକୁ ଉଚ୍ଛେଦ କରିବା ଦରକାର । କାହିଁକି ଶ୍ରମିକଶ୍ରେଣୀ ଏହି ସର୍ବହରା ବିପ୍ଳବରେ ନେତୃତ୍ୱ ଦେବ, କେଉଁମାନେ ତାର ମିତ୍ର ହେବେ ଏବଂ କିଭଳିଭାବେ ସେମାନଙ୍କୁ ଲଢିବାକୁ ହେବ ଏସବୁ କଥା ସଠିକ୍ ଭାବେ ବୁଝାଇବାକୁ ହେବ । ଶ୍ରମିକଶ୍ରେଣୀ କେତେବେଳେ ବିଜୟ ଲାଭ କରିବ ? ଯେତେବେଳେ ସେ real revolutionary ରାସ୍ତାରେ ଆଗେଇ ପାରିବ, ସେତେବେଳେ ସେ ନକଲି ବିପ୍ଳବୀମାନଙ୍କ ସମ୍ପର୍କରେ ମୋହମୁକ୍ତ ହୋଇପାରିବ, ଯେତେବେଳେ ବିପ୍ଳବୀ ଦଳ ଐକ୍ୟବଦ୍ଧ ସଂଗ୍ରାମରେ ଏହି ନକଲି ବିପ୍ଳବୀମାନଙ୍କ ସହିତ କାମ କରୁ କରୁ ସେମାନଙ୍କୁ expose କରିଦେଇ ପାରବ, ପରାସ୍ତ କରି ଦେଇ ପାରିବ । ଯେତେବେଳ ଯାଏ ସେମାନଙ୍କର ମୁଖା ଖୋଲିନାହିଁ, ଜନସାଧାରଣଙ୍କଠାରୁ ସେମାନେ ବିଛିନ୍ନ ହୋଇନାହାନ୍ତି, ଜନସାଧାରଣଙ୍କ ଭିତରେ ସେମାନଙ୍କ ସମ୍ପର୍କରେ ମୋହ ରହିଛି, ସେମାନଙ୍କ ନିକଟରୁ ପ୍ରତ୍ୟାଶା ରହିଛି, ସେତେବେଳଯାଏ ସେମାନଙ୍କୁ ଐକ୍ୟବଦ୍ଧ ସଂଗ୍ରାମକୁ ଆଣିବାକୁ ହେବ। । ପୁଣି ଯେତେବେଳଯାଏ ସେମାନେ ଐକ୍ୟବଦ୍ଧ ସଂଗ୍ରାମରେ ପ୍ରଧାନଶକ୍ତି, ସେତେବେଳଯାଏ ସେମାନେ ବିପ୍ଳବୀ ଆନ୍ଦୋଳନ ସାମ୍ନାରେ ସବୁଠାରୁ ବଡ ବାଧା, ଏହି ମୂଳ କଥାଟିକୁ ଭଲଭାବରେ ବୁଝିବା ଏବଂ ସମସ୍ତ ବକ୍ତବ୍ୟ ଭିତରେ ଭଲ ଭାବରେ ଉପସ୍ଥାପନ କରିପାରିବାର ନାଁ ହେଲା political speech ବା political understanding (ରାଜନୈତିକ ଉପଲବ୍ଧି) ।

ପ୍ରତ୍ୟେକ ନେତା ଏବଂ କର୍ମୀ ସେମାନଙ୍କର ପ୍ରତିଦିନର କାମ, ଲେଖା, ଆଳାପ ଆଲୋଚନା ପକ୍ଵତା ମଧ୍ୟରେ ଯେମିତି correct political conception, class consciousness reflect (ସଠିକ୍ ରାଜନୈତିକ ଚିନ୍ତା, ଶ୍ରେଣୀଦୃଷ୍ଟିଭଙ୍ଗୀ ପ୍ରତିଫଳିତ) କରିପାରିବେ ସେଥିପାଇଁ ନିଜର ଚେତନାର ମାନକୁ ଉପଯୁକ୍ତ ଭାବେ ଗଢି ତୋଳିବାକୁ ହେବ । ତାହେଲେ ଯେଉଁଶକ୍ତି ଆମର ରହିଛି, ଆମେ ସେହି ଶକ୍ତିକୁ ସୁସଂହତ କରି ଗତିବେଗ ବହୁଗୁଣ ବଢାଇଦେଇପାରୁ । ହୁଏତ ଯେଉଁ ବିଷୟଟି ବର୍ତ୍ତମାନ ଅସମ୍ଭବ ବୋଲି ମନେ ହେଉଛି, ତାହାକୁ ବି ସମ୍ଭବ କରିପାରୁ । ଅର୍ଥାତ୍ ଜନସାଧାରଣଙ୍କ ମଧ୍ୟରେ ପାର୍ଟି ସମ୍ପର୍କରେ ଯେଉଁ increasing interest ରହିଛି ଏବଂ ଜନସାଧାରଣଙ୍କ ମଧ୍ୟରେ ଯେଉଁ ଆନ୍ଦୋଳନମୁଖୀତା ବଢୁଛି, ଏସବୁକୁ ଉପଯୁକ୍ତ ଭାବେ କାମରେ ଲଗାଇପାରିଲେ ଆମେ ତାହାକୁ ସମ୍ଭବ କରିପାରିବା । ଅର୍ଥାତ୍ ଆମେ କାର୍ଯ୍ୟକାରୀଭାବେ ନେତୃତ୍ୱ ଦାନକାରୀ ଭୂମିକାକୁ ଯାଇପାରିବା । Not only theoritically but effectively handing, guiding and remoulding the situation (କେବଳ ତତ୍ତ୍ୱଗତ ଭାବେ ନୁହେଁ, ବାସ୍ତବରେ କାର୍ଯ୍ୟକାରି ଭାବେ କ୍ରିୟା କରିବାରେ ନେତୃତ୍ୱଦେଇ ଓ ପରିସ୍ଥିତିର ପରିବର୍ତ୍ତନ ଘଟାଇବା ମଧ୍ୟଦେଇ ଆମେ ଏହି କ୍ଷମତା ଅର୍ଜନ କରିପାରିବା । ତାହାହେଲେ ଭାରତବର୍ଷରେ ଯେଉଁଠି ଇତି ମଧ୍ୟରେ ହିଁ revolutionary objective condition (ବିପ୍ଳବର ଜମି ବାସ୍ତବରେ) ସୃଷ୍ଟି ହୋଇଛି, ସେଠି ଏକ କାର୍ଯ୍ୟକାରୀ ବିପ୍ଳବୀ ଆନ୍ଦୋଳନ ଗଢି ତୋଳାଯାଇପାରିବ । ଏହି ଅବସ୍ଥାରେ ଗତାନୁଗତିକତାକୁ ଫାଇଟ୍ କରିବାକୁ ହେବ । କାମ କଥାରେ plea after plea (ଗୋଟାଏ ପରେ ଗୋଟାଏ ଆଳ) ଦେବାର ଝୁଙ୍କ ବିରୁଦ୍ଧରେ ସଂଗ୍ରାମ କରିବାକୁ ହେବ । ପ୍ରକୃତ ଅସୁବିଧା ଥିଲେ ଧୈର୍ଯ୍ୟର ସହିତ ତାହା ଶୁଣିବାକୁ ହେବ । କିନ୍ତୁ in the name of difficulty ଯେତେବେଳେ ଜଣେ plea ଦେଖାଉଛି ସେତେବେଳେ ତାହା ବୁଝିବାକୁ ହେବ । ଯେମିତି ଯଥାର୍ଥ ଏକ ପଏଣ୍ଟ ଥିଲେ ତାହା ଶୁଣିବାକୁ ହେବ କିନ୍ତୁ in the name of points (ବକ୍ତବ୍ୟ ନାଁରେ) କେତେଗୁଡିଏ ଭୁଲ୍ ବକ୍ତବ୍ୟ ଉଠିଛି, ଯାହା କେବଳ ବିଭ୍ରାନ୍ତି ସୃଷ୍ଟିକରି କର୍ମ ଉଦ୍ୟୋଗରେ ବାଧା ସୃଷ୍ଟି କରେ- ସେଗୁଡିକ ବିରୁଦ୍ଧରେ ଫାଇଟ୍ କରିବାକୁ ହେବ । ରାଜନୈତିକ ଆଲୋଚନାକୁ ଉତ୍ସାହିତ କରିବାକୁ ହେବ । ମାତ୍ର ଯେକୌଣସି ଧରଣର ରାଜନୈତିକ ଆଲୋଚନା ନୁହେଁ, ଯେଉଁ ରାଜନୈତିକ ଆଲୋଚନା ପାର୍ଟିର ମୂଳ ଲାଇନ୍‌କୁ ଭିତ୍ତିକରି କରାଯାଏ, ତାହାକୁ encourage (ଉତ୍ସାହିତ) କରିବାକୁ

ହେବ । But not any empirical discussion (ଘଟଣାର ଏକାନ୍ତ ବାହ୍ୟ ରୂପକୁ ଧରି ଆଲୋଚନା ନୁହେଁ) । Scholastic discussion must be discouraged (ପଣ୍ଡିତଗିରି ଆଲୋଚନାକୁ ନିଶ୍ଚିତଭାବେ ନିରୁତ୍ସାହିତ କରିବାକୁ ହେବ) ।

ତଥ୍ୟ ସଂଗ୍ରହ ଓ ତାହାକୁ ରକ୍ଷା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ, ପତ୍ରିକା ସମ୍ପାଦକ ମଣ୍ଡଳୀର ଏହା ଏକ ଗୁରୁତ୍ୱପୂର୍ଣ୍ଣ କାମ, ଯାହା ରାଜ୍ୟ କମିଟିକୁ ଦେଖିବାକୁ ହେବ । ରାଜ୍ୟ କମିଟିକୁ ଦେଖିବାକୁ ହେବ ଯେମିତି ମୁଖପତ୍ର ନିୟମିତ ଭାବେ ପ୍ରକାଶିତ ହେଉଛି ଏବଂ କେବଳ ସେତିକି ନୁହେଁ, ଏହି ଲେଖାର ମାନ ମଧ୍ୟ ଯେମିତି କ୍ରମାଗତ ଭାବେ ଉନ୍ନତ ହେଉଛି, ସେଥିପାଇଁ editorial board must take it as a serious point (ସମ୍ପାଦକୀୟ ମଣ୍ଡଳୀ ଏହି ଦିଗଟିକୁ ଗୁରୁତ୍ୱଦେବେ), ସେମାନେ ଏହାକୁ ନେଇ constantly research (ସର୍ବଦା ଅନୁସନ୍ଧାନ) କରୁଛନ୍ତି, ଆଲୋଚନା କରୁଛନ୍ତି, ଲେଖୁଛନ୍ତି, ଅନ୍ୟ ପତ୍ରିକା ପଢି ନୋଟ୍ କରି ତଥ୍ୟ ସଂଗ୍ରହ କରୁଛନ୍ତି । ସେମାନଙ୍କର ଲେଖାର ଷ୍ଟାଇଲ୍ ଉନ୍ନତ କରିବା ଦରକାର । ସେମାନେ କେବଳ ଅନ୍ୟ ପତ୍ରିକାଟି ପଢିଲେ, ତାପରେ ରଖିଦେଲେ-ଏଭଳି ଯେମିତି ନହୁଏ । ଯେଉଁମାନେ editorial board ରେ କାମ କରନ୍ତି ଏବଂ ଯେଉଁମାନେ ପାର୍ଟି ନେତୃତ୍ୱକୁ ବିଭିନ୍ନ ଖବର ଦେଇ acquainted କରିବାକୁ ଚାହାନ୍ତି, ସେମାନଙ୍କର ପଢିବାର ରୀତି ଏହା ନୁହେଁ, ସେମାନଙ୍କର ପଢିବା ରୀତିଟି ଉନ୍ନତ ହେବା ଦରକାର । ସେମାନଙ୍କ ନିକଟରେ କାଗଜ, ପେନ୍‌ସିଲ୍ ଥିବ, ଯେଉଁ ମୁହୂର୍ତ୍ତରେ କୌଣସି ଇନ୍‌ଫରମେସନ୍, କୌଣସି ପଏଣ୍ଟ (reference) କାମରେ ଲାଗିପାରେ ବୋଲି ମନେହେବ, ସେହି ସମୟରେ ଦରକାର ନହେଲେ ବି ପରେ କାମରେ ଲାଗିପାରେ ବୋଲି ମନେହେବ, ତତ୍‌କ୍ଷଣାତ୍ ତାରିଖ ସହ ସେଗୁଡିକୁ ନୋଟ୍ କରି ରଖିବାକୁ ହେବ ଏବଂ ସେଗୁଡିକୁ ଯତ୍ନକରି ରଖିବାକୁ ହେବ । ଯଦ୍ୱାରା ପ୍ରୟୋଜନ ଅନୁଯାୟୀ ଆମେ ତାକୁ କାମରେ ଲଗାଇପାରୁ । Editorial board ର ମେମ୍ବରମାନେ ଏଭଳିଭାବେ ପଢନ୍ତି ନାହିଁ । କମ୍ରେଡମାନେ ଏଭଳିଭାବେ ପଢନ୍ତି ନାହିଁ । ଫଳରେ ସେମାନେ unequipped (ଅପ୍ରସ୍ତୁତ ରହିଯାହାନ୍ତି) । କେବଳ ଗୋଟାଏ ତାତ୍ତ୍ୱିକ ପ୍ରବନ୍ଧ, କେବଳ ଏକ ନିରସ ରାଜନୈତିକ ବିଶ୍ଳେଷଣ ହେଲେ ଚଳିବ ନାହିଁ । ଏଗୁଡିକରେ ବି କେତେଗୁଡିଏ ତଥ୍ୟ ଦେବାର ଦରକାର ପଡେ, ମାତ୍ର ସେତେବେଳେ ତଥ୍ୟ ହାତପାଖରେ ନଥାଏ । କେଉଁଠି ଅଛି ଖୋଜି ବୁଲିବାକୁ ହୁଏ । ଫଳରେ ଡେରି ହୋଇଯାଏ, ଲେଖାଟି ଅଥବା ମେମୋରିରୁ କୁହେ, ସେଇଠି କାଗଜଟା ଦେଖିଥିଲି

କିନ୍ତୁ ସେହି କାଗଜଟି ଖୋଜି ମିଳୁନାହିଁ । That means ଏଠି ମଧ୍ୟ ଷ୍ଟାଇଲ୍ ଅଫ୍ ୱାର୍କ ଉନ୍ନତ ହେବା ଦରକାର ।

ଗତ କାଲି ମୁଁ କେତେକାଂଶରେ ଆଲୋଚନା କରି ଦେଖାଇଛି ଯେ ବର୍ତ୍ତମାନ ରେଳ ଧର୍ମଘଟ ପୁଣି ଆଖିରେ ଆଙ୍ଗୁଳିଦେଇ ଦେଖାଇଦେଲା ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)କୁ ଶକ୍ତିଶାଳୀ କରିବା ସହିତ ଭାରତବର୍ଷରେ ଗଣତାନ୍ତ୍ରିକ ଆନ୍ଦୋଳନ ସଠିକ୍ ଧାରାରେ ପରିଚାଳନା କରିବା ବିଷୟଟି ଓତଃପ୍ରୋତଭାବେ ଜଡିତ ରହିଛି । ଏହି ବିଷୟରେ କୌଣସି କର୍ମୀର ଯେମିତି ଆଦୌ ସଂଶୟ ନଥାଏ । ଆମର ଶକ୍ତି ବୃଦ୍ଧିର ସମ୍ଭାବନା ସମ୍ପର୍କରେ ଶତ୍ରୁ ପକ୍ଷର ନଜର ରହିଛି, ସତର୍କତା ଅଛି, ସେମାନେ ନାନା ପ୍ରକାର ବାଧା ସୃଷ୍ଟି କରୁଛନ୍ତି, ଯାହା ବାଙ୍କୁଡାରେ କେ.କେ.ଏମ୍.ଏସ୍. ପଶ୍ଚିମବଙ୍ଗ ରାଜ୍ୟ ସମ୍ମିଳନୀରେ ମୁଁ ସ୍ମରଣ କରାଇଦେଇଛି । କିନ୍ତୁ ଏ ସମ୍ପର୍କରେ ବହୁ କର୍ମୀ alert ନୁହଁନ୍ତି । ଯେମିତି ବର୍ତ୍ତମାନ ସମୟଟିକୁ ଆମେ ଠିକ୍ ଭାବରେ କାମରେ ଲଗାଇପାରୁ ସେହିପରି ଭାବେ କର୍ମୀମାନଙ୍କୁ equip କରିବାକୁ ହେବ । ସେଥିପାଇଁ ଯେଉଁସବୁ ପଏଣ୍ଟ ଆଲୋଚନା କରିଛି ସେଗୁଡିକ ବିଭିନ୍ନ ଆଲୋଚନା ମାଧ୍ୟମରେ କର୍ମୀମାନଙ୍କ ମଧ୍ୟକୁ ନେଇଯିବାକୁ ହେବ । To discuss important political points among the comrades (ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ବିଷୟ ନେଇ କମ୍ରେଡମାନଙ୍କ ସହିତ ଆଲୋଚନା କରିବା), ଯାହା କର୍ମୀମାନଙ୍କର ବିଭ୍ରାନ୍ତି ଦୂର କରିବାରେ ସେମାନଙ୍କ ଭିତରେ ଧାରଣା ପରିଷ୍କାର କରିବାରେ ଏବଂ ସେମାନଙ୍କର ଉତ୍ସାହ ବୃଦ୍ଧି କରିବାରେ ସାହାଯ୍ୟ କରିବ । ଏହି ଅଭ୍ୟାସ ନେତାମାନଙ୍କର ରହିବା ଉଚିତ୍ । ଯେଉଁସବୁ ଜରୁରୀ କଥା ନେତାମାନେ ଜାଣନ୍ତି, କେବଳ କ୍ଲାସରେ ନୁହେଁ, ଗଳ୍ପ ଛଳରେ whispering ଛଳରେ, (ଘରୁଆ କଥାବାର୍ତ୍ତା ଭିତରେ), ସେଗୁଡିକ କର୍ମୀମାନଙ୍କୁ ଜଣାଇବା ଦରକାର । ଏହି କାମଟି କରିବା ଦରକାର ଯାହା ନେତାମାନେ ଅନେକ ସମୟରେ କରନ୍ତି ନାହିଁ । ବାସ୍ତବ ଘଟଣା ଏହିଭଳିଯେ, ସରକାରୀ ଗୋଇନ୍ଦା, କେନ୍ଦ୍ର ସରକାର, ରାଜ୍ୟ ସରକାର, ପୋଲିସ, ପ୍ରଶାସନ ଏମାନଙ୍କର ଆମ ସମ୍ପର୍କରେ ଯେଉଁ ନଜର ରହିଛି ଅନ୍ୟ ଦଳ ପ୍ରତି ତାହା ନାହିଁ । ଅନ୍ୟ ବିରୋଧୀ ଦଳ ପ୍ରତି ଏମାନଙ୍କର ଯେଉଁ ବିରୋଧ ଆଉ ଆମ ପ୍ରତି ଯେଉଁ ବିରୋଧ ଏଇ ଦୁଇଟି ମଧ୍ୟରେ ଚରିତ୍ରଗତ ପାର୍ଥକ୍ୟ ରହିଛି । ଯେଉଁମାନେ ଗଣଆନ୍ଦୋଳନ ପରିଚାଳନା କରନ୍ତି, ଯେଉଁମାନେ ପ୍ରଶାସନ ସହିତ deal କରନ୍ତି, ସେମାନଙ୍କର ରାଜନୈତିକ ଦୃଷ୍ଟିଭଙ୍ଗୀ ଥିଲେ they can easily differentiate between the two (ସେମାନେ ସହଜରେ ହିଁ ଏ ଦୁଇଟି ମଧ୍ୟରେ

ପାର୍ଥକ୍ୟ ଧରିପାରିବେ), ଅନ୍ୟ ଦଳଗୁଡିକ ଖୁନ୍ କରୁଛନ୍ତି, କଳି ଝଗଡା କରୁଛନ୍ତି ତଥାପି ଉଚ୍ଚ ସ୍ତରରେ ବୁର୍ଜୁଆମାନଙ୍କର ଉପରସ୍ତରରେ ସେହି ପାର୍ଟି ଗୁଡିକ ସମ୍ପର୍କରେ ଯେଉଁ ଦୃଷ୍ଟିଭଙ୍ଗୀ ଓ ମନୋଭାବ କାମକରେ ଆମ ସମ୍ପର୍କରେ ତାହା ସମ୍ପୂର୍ଣ୍ଣ ଅଲଗା । ସେଠାରେ ଏକ class hostility reflected (ଶ୍ରେଣୀ ବିଦ୍ୱେଷ ପ୍ରତିଫଳିତ ହୋଇଥାଏ), କେଉଁଠି ହୁଏତ ଜଣେ ଅଫିସର ଟିକେ ଲେଫ୍ଟ ମାଇଣ୍ଡେଡ୍ ସେ ଆମ ବକ୍ତବ୍ୟରେ ଆକୃଷ୍ଟ ହୋଇଛନ୍ତି, ଆମ କର୍ମୀମାନଙ୍କ ବ୍ୟବହାରରେ ଆକୃଷ୍ଟ, ସେଠି ହୁଏତ ଏକ ଭିନ୍ନ ଘଟଣା ଦେଖିବାକୁ ମିଳେ । ସେ ହୁଏତ ଆମ ସମ୍ପର୍କରେ sympathetic approach (ଦରଦୀ ମନୋଭାବ) ନେଇ ଚାଲନ୍ତି । ପୁଣି ଦେଖାଯିବ ତାଙ୍କୁ ସଙ୍ଗେ ସଙ୍ଗେ ଟ୍ରାନ୍ସଫର କରି ଦିଆଗଲା । କେନ୍ଦ୍ର ସରକାର ଦେଖୁଛନ୍ତିଯେ, ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଆଜି ବି ଏକ କ୍ଷୁଦ୍ରଶକ୍ତି । କିନ୍ତୁ ଇତିହାସରୁ ସେମାନେ ଶିକ୍ଷା ନେଇଛନ୍ତି ଯେ ବିପ୍ଳବୀ ଦଳ ଆଜି ଛୋଟ ହେଲେ ବି ଅବହେଳା କରାଯାଇ ପାରିବ ନାହିଁ । ନାମୀନେତା ବୋଲି ଯାହାର କେହି ନଥିଲେ, ଯାହାର ଲୋକବାକ ପ୍ରଚାର କିଛି ନଥିଲା, ଯାହାକୁ ଫୁଙ୍କି ଉଡେଇ ଦେବାକୁ ସେମାନେ ଚାହିଁଛନ୍ତି, ଯାହାକୁ ନାନା ପ୍ରକାର ଥଟ୍ଟା ବିଦ୍ରୁପ କରିଛନ୍ତି, ଯାହାକୁ ପ୍ରତି ପଦେ ପଦେ ବାଧା ଦେଇଛନ୍ତି, ଆଜି ଜନସାଧାରଣଙ୍କ ଭିତରେ ସେହି ଦଳର ଏକ ୱେଟ୍ ସୃଷ୍ଟି ହୋଇଛି । ତା ସମ୍ପର୍କରେ ଏକ ଆଟ୍ରାକ୍ସନ ସୃଷ୍ଟି ହୋଇଛି । ଯେଉଁ ସତ୍ୟଟିକୁ ଆଜି ସେମାନେ ଅସ୍ୱୀକାର କରିପାରିବେ ନାହିଁ । ସମ୍ବାଦପତ୍ରରେ ପ୍ରଚାର କ୍ଷେତ୍ରରେ ପ୍ରାୟ ସମ୍ପୂର୍ଣ୍ଣ ବ୍ଲାକ୍ ଆଉଟ୍ (ପୋଛି ପକେଇଲେ) ବି ଏ ଦଳର ବକ୍ତବ୍ୟ ପ୍ରଚାର ଅଟକାଇବା ସମ୍ଭବ ହେଉନାହିଁ । ସମ୍ବାଦପତ୍ରର ପ୍ରଚାର ଛଡା ହିଁ ଲୋକଙ୍କ ଭିତରେ ଏହି ଦଳର ପ୍ରଚାର ପହଞ୍ଚି ଯାଇଛି ।

ଫଳରେ ସେମାନେ ଭାବୁଛନ୍ତି କିଛି ନଥାଇ ବି ଯେତେବେଳେ ଏଭଳି ଅବସ୍ଥାରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ପହଞ୍ଚି ଯାଇଛି । ତାକୁ ଆଉ neglect (ଅବହେଳା) କରାଯାଇପାରିବ ନାହିଁ । ଆଉ ଯେମିତି ଏହି ଦଳ ବେଶୀ ବଢି ନପାରେ । ବୁର୍ଜୁଆ କ୍ଲାସ ଓ ସରକାରଙ୍କର ଆଟିଚ୍ୟୁଡ୍ ହେଲା ଏହାକୁ ଅଙ୍କୁରରେ ହିଁ ବିନାଶ କର । ସେମାନେ ଭାବୁଛନ୍ତି ଯେ, ଏହା ହିଁ ହେଲା ରିଏଲ୍ ଫୋର୍ସ ବା ପୁଞ୍ଜିବାଦ ପାଇଁ ବିପଜ୍ଜନକ- ସିପିଆଇ(ଏମ୍) ବି ନୁହେଁ କି ନକ୍ସଲପନ୍ଥୀମାନେ ବି ନୁହଁନ୍ତି । ସେମାନେ ମନେ କରନ୍ତି ଏହି ଦଳଗୁଡିକୁ ଆମେ ଆମଭଳି ହ୍ୟାଣ୍ଡେଲ କରିପାରୁ । କିନ୍ତୁ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର କୌଶଳ ବୁଝି ହୁଏନାହିଁ । ଏମାନେ ଉଗ୍ରପନ୍ଥୀ ବୋଲି ମଧ୍ୟ ଚିହ୍ନିତ କରାଯାଇପାରେ ନାହିଁ । କାରଣ ଆଜି ବି ଏମାନେ

ଗଣତାନ୍ତ୍ରିକ ଆନ୍ଦୋଳନରେ ଅଂଶଗ୍ରହଣ କରନ୍ତି, ପୁଣି ଗଣତାନ୍ତ୍ରିକ ଆନ୍ଦୋଳନରେ ଅନ୍ୟଦଳ ମାନଙ୍କୁ ଯେମିତି ଦେଖୁ – ସେମାନେ ଯେତେ ଗରମ୍ ଭାଷଣ ଦିଅନ୍ତୁ ନା କାହିଁକି, ପିଟାପିଟି କରନ୍ତୁ ନା କାହିଁକି, ସେମାନଙ୍କୁ ଠିକ୍ ବୁଝି ହୁଏ । ସେମାନେ ଆମର ପସନ୍ଦ ଅନୁଯାୟୀ ଗଣତନ୍ତ୍ରୀ । କିନ୍ତୁ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)କୁ ବୁଝି ହୁଏନାହିଁ । ଏମାନେ ଠିକ୍ ସେହିଭଳି ଗଣତନ୍ତ୍ରି ନୁହଁନ୍ତି, ଏମାନେ ଅନ୍ୟ ପ୍ରକାର । ଏମାନଙ୍କ କଥାବାର୍ତ୍ତା ଅଲଗା, ଏମାନଙ୍କ ଢଙ୍ଗ ଅଲଗା, ଏମାନଙ୍କ ଜୀବନଯାତ୍ରା ଅଲଗା, ଏମାନଙ୍କ ନେତା ଓ କର୍ମୀମାନଙ୍କର ଚାଲିଚଳନ ଅଲଗା– ବୁର୍ଜୁଆମାନେ ଏହିଭଳିଭାବେ ଭାବନ୍ତି । ସେଥିପାଇଁ ସେମାନେ ଚାହାନ୍ତି ହୁଏତ ଆମ ପାଖକୁ ଆସ, ଅନ୍ୟ ଦଳଗୁଡିକ ଭଳି ନେତା ହୁଅ, ସେମାନଙ୍କ ଭଳି ଘରଦ୍ୱାର କର, ସେମାନଙ୍କ ଭଳି ଭାଷଣବାଜି କର, ସେହି ବକ୍ତୃତା ସରକାର ବା ମାଲିକଙ୍କ ବିରୁଦ୍ଧରେ କର, ସେଥିରେ କ୍ଷତି ନାହିଁ, କିନ୍ତୁ ଆମେ ଯେମିତି ଚାହୁଁଛୁ ସେହିଭଳି ହୁଅ । ନହେଲେ ତୁମକୁ ବିଶ୍ୱାସ କରି ହେଉନାହିଁ । ତୁମେମାନେ ଭିନ୍ନ ଧରଣର । ସେଥିପାଇଁ ଆମ ସମ୍ପର୍କରେ ଶତ୍ରୁ ଖୁବ୍ ସତର୍କ, ପୋଲିସର attitude ହିଁ ଅଲଗା । ବାଙ୍କୁଡାର ଭାଷଣରେ ଏକଥା ପରିଷ୍କାର କରି କହିଛି । କଂଗ୍ରେସ ଏବଂ ସିପିଆଇ(ଏମ୍) ମଧ୍ୟରେ ପରସ୍ପର ବିରୋଧୀତାର ଚରିତ୍ର ହିଁ ଅଲଗା । ଭୋଟ ଲଢେଇରେ ସିପିଆଇ(ଏମ୍) ହିଁ କଂଗ୍ରେସର ମୂଳ ଶତ୍ରୁ । ଶିଳ୍ପପତି ଗୋଷ୍ଠୀ କେବେ ଏମାନଙ୍କୁ ବ୍ୟାକ୍ କରୁଛି, କେବେ ପୁଣି ସେମାନଙ୍କୁ ବ୍ୟାକ୍ କରୁଛି । ସାଂଗଠନିକ କ୍ଷେତ୍ରରେ ସେମାନଙ୍କ ମଧ୍ୟରେ ଲଢେଇ ରହିଛି– ଏସବୁ କଥା ଠିକ୍, କିନ୍ତୁ ତାସତ୍ତ୍ୱେ ବି ଦେଖିବେ, ସିପିଆଇ(ଏମ୍)କୁ କଂଗ୍ରେସ ଯେଉଁ ଦୃଷ୍ଟିରେ ଦେଖେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)କୁ ସମ୍ପୂର୍ଣ୍ଣ ଭିନ୍ନ ଦୃଷ୍ଟିରେ ଦେଖେ । କଂଗ୍ରେସ ଜାଣେ ନିର୍ବାଚନୀ ରାଜନୀତିରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଆଦୌ କୌଣସି ଫ୍ୟାକ୍ଟର ନୁହେଁ । ତଥାପି ସେମାନେ ମନେ କରନ୍ତି ଏସ.ୟୁ.ସି.ଆଇ(କମ୍ୟୁନିଷ୍ଟ) ସେମାନଙ୍କର ମୂଳ ଶତ୍ରୁ । ଆମ କ୍ଷେତ୍ରରେ ପ୍ରଶାସନର ଦୃଷ୍ଟିଭଙ୍ଗୀ ଅତ୍ୟନ୍ତ କଠୋର । କିନ୍ତୁ ଅନ୍ୟମାନଙ୍କ କ୍ଷେତ୍ରରେ ତାହାନୁହେଁ । ପୁଣି ସିପିଆଇ(ଏମ୍) ମଧ୍ୟ ଯେଉଁଭଳିଭାବେ ମାର୍କ୍ସବାଦର ନାମାବଳି ପିନ୍ଧି ଜନସାଧାରଣଙ୍କୁ ବିଭ୍ରାନ୍ତ କରିବାକୁ ଚାହୁଁଛି ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ସେ କ୍ଷେତ୍ରରେ ଗୋଟାଏ ବିରାଟ ବାଧା । ତେଣୁ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)କୁ ସିପିଆଇ(ଏମ୍) ଅତ୍ୟନ୍ତ ବିଦ୍ୱେଷପୂର୍ଣ୍ଣ ଦୃଷ୍ଟରେ ଦେଖେ । ସେମାନେ ଦେଖୁଛନ୍ତି ଛୋଟ ହେଲେବି ଯୁକ୍ତ ଆନ୍ଦୋଳନରେ ତାକୁ ହ୍ୟାଣ୍ଡେଲ୍ କରିବାର ଉପାୟ ନାହିଁ । ଇଲେକ୍ସନ୍‌ରେ ସିଟ୍ ପାଇବା ଲୋଭରେ, ମନ୍ତ୍ରୀତ୍ୱ ପାଇବା ଲୋଭରେ

ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ତାର ନୀତି ଆଦର୍ଶ ବିସର୍ଜନ ଦିଏନାହିଁ । ସେମାନେ ଏତେ କୁତ୍ସା କରୁଛନ୍ତି ତଥାପି ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ସମ୍ପର୍କରେ ପବ୍ଲିକ୍‌ର ଆଗ୍ରହ ବଢୁଛି । ସେମାନଙ୍କ ଦଳର ସତ୍ କର୍ମୀମାନଙ୍କ ମଧ୍ୟରେ ବି ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ସମ୍ପର୍କରେ କୌତୁହଳ ବଢୁଛି । ତେଣୁ ସିପିଆଇ(ଏମ୍) ଚାହୁଁଛି ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)କୁ ଏକଘରକିଆ କରିବାକୁ ହେବ । ଆଉ ଏଠାରେ ବି କଂଗ୍ରେସର ଅନ୍ୟାନ୍ୟ ଦଳ ସହିତ ସିପିଆଇ(ଏମ୍)ର ଐକ୍ୟ ରହିଛି । ତେଣୁ ନିଜ ଭିତରେ ଭୋଟକୁ ନେଇ ଯେତେ ମରାମରି ଥାଉ, ଲଢେଇ ହେଉ, ଯେଉଁଠି ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଟିକିଏ grow କରୁଛି, ସେହିଠରେ ହିଁ କେଉଁଠି ପ୍ରକାଶ୍ୟରେ ବା କେଉଁଠି ଗୋପନରେ ସେମାନେ ମେଣ୍ଟ କରୁଛନ୍ତି । ଛୋଟ ଦଳ ଆହୁରି ବହୁତ ଅଛି, ସେମାନଙ୍କ ସହିତ ବି ମାଲିକମାନଙ୍କର ଡାଇଲଗ୍ ହେଉଛି ସେମାନଙ୍କୁ ଆପ୍ରୋଚ୍ କରିପାରନ୍ତି, କିନ୍ତୁ ଏହି ଦଳଟି ସହିତ କୌଣସି ଡାଇଲଗ୍ ନାହିଁ, କୌଣସି ପ୍ରକାର ଆପ୍ରୋଚ୍ ବି କରିପାରେନା । ଏହି ଦଳଟି ପାଣ୍ଠି ପାଇଁ on the street box collection ଉପରେ ନର୍ଭର କରେ । ଏହି ଦଳ ଚାଷୀ, ଶ୍ରମିକ ଏବଂ ସାଧାରଣ ଲୋକଙ୍କର ଅନୁଦାନ ଉପରେ ନିର୍ଭର କରେ । ଏ ଆଦୌ ମାଲିକଙ୍କ ନିକଟକୁ ଯାଏନା । ସେମାନଙ୍କ ନିକଟରେ ହାତ ପାତେ ନା । ଏହି ସିମ୍ପଟମ୍‌ରୁ ହିଁ ବିପଦ ଅନୁଭବ କରନ୍ତି । ମାଲିକମାନେ ଯଦି ଦେଖନ୍ତି ଯେସେମାନଙ୍କ ନିକଟକୁ ବି ଯାଉଛୁ, ପୁଣି ବିପ୍ଳବର କଥା କହୁଛୁ, ବିପ୍ଳବ ପାଇଁ ମାଲିକମାନଙ୍କ ଠାରୁ ଟଙ୍କା ମାଗୁଛୁ, ସେତେବେଳେ ମାଲିକମାନେ ବି ଭଲଭାବେ ବୁଝି ପାରନ୍ତି । ମାଲିକମାନେ ବୁଝିପାରନ୍ତି, ହଁ ସେମାନେ ବିପ୍ଳବ ପାଇଁ  ଆସନ୍ତି ଏବଂ ଆମେବି ବିପ୍ଳବ ପାଇଁ ଚାନ୍ଦା ଦେଉ । ଆମ ଟଙ୍କାରେ ଯଦି ବିପ୍ଳବ କରିପାରନ୍ତି ତେବେ କରନ୍ତୁ ନା । ଏଭଳି ହେଲେ ମାଲିକମାନେ ନିଶ୍ଚିତ ହୁଏନ୍ତେ । କିନ୍ତୁ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଭିନ୍ନ ଧରଣର ପାର୍ଟି । ମାଲିକମାନେ ଦେଖନ୍ତି ସେମାନେ ଆମ ସହିତ କୌଣସି dialogue open କରିବାକୁ ଚାହାନ୍ତି ନାହିଁ । ସଂଗ୍ରାମ କରନ୍ତି, ସଂଗ୍ରାମର ପ୍ରୟୋଜନରେ negotiation (ଆଳାପ ଆଲୋଚନା)ର ପ୍ରୟୋଜନରେ ମାଲିକ ସହିତ dialoge କରନ୍ତି କିନ୍ତୁ ଏମାନଙ୍କର ଅନ୍ୟ କୌଣସି  ଅଲଗା dialogue ନାହିଁ । ସେଥିପାଇଁ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ବିପଜ୍ଜନକ । ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର କୌଣସି social highup(ଅଭିଜାତ ମହଲର ଲୋକ) ନାହାନ୍ତି । ଅନ୍ୟ ବଡ ଦଳ, ଛୋଟ ଦଳ, ସମସ୍ତଙ୍କର ହିଁ social highup ଅଛିନ୍ତି । କିନ୍ତୁ ଏହି ଦଳଟିର ନାହିଁ । ଏହାର ସମସ୍ତ କର୍ମକ୍ଷେତ୍ର ହେଉଛି ଶ୍ରମିକ, ଗରିବ ଚାଷୀ, କୃଷୀ

ଶ୍ରମିକ, ନିମ୍ନ ମଧ୍ୟବିତ୍ତ, ମଧ୍ୟବିତ୍ତ, ବୁଦ୍ଧିଜୀବୀ ଆଉ ସେମାନଙ୍କ ଘରର ପୁଅ, ଝିଅମାନଙ୍କ ଭିତରେ । ତେଣୁ ଏହି ପାଟିର ଚରିତ୍ର ସେମାନଙ୍କ ନିକଟରେ ବିପଜ୍ଜନକ । ସେମାନେ ସେମାନଙ୍କର ଡେମୋକ୍ରାଟିକ୍ ସେଟ୍ଅପ୍‌ରେ (ଗଣତାନ୍ତ୍ରିକ ବ୍ୟବସ୍ଥାରେ ଭିନ୍ନ ଧରଣର ପାର୍ଟି ଚାହାନ୍ତି) ଫଳରେ ଏହି କାରଣରୁ ଆମେ ଛୋଟ ହେଲେ ବି ଆମ ସମ୍ପର୍କରେ ସେମାନେ ଅତ୍ୟନ୍ତ ସତର୍କ । କିନ୍ତୁ ଆମର ବହୁ କର୍ମୀ, ଶତ୍ରୁମାନଙ୍କର ଏହି ସତର୍କତା ସମ୍ପର୍କରେ ସତର୍କ ନୁହଁନ୍ତି । ସେମାନେ ଏହାର ଗୁରୁତ୍ୱକୁ ବୁଝନ୍ତି ନାହିଁ, ନିଜର ଦାୟ ଦାୟିତ୍ୱ ବୁଝନ୍ତି ନାହିଁ, ନିଜର ଐତିହାସିକ ଭୁମିକା ବୁଝନ୍ତି ନାହିଁ ।

ମୁଁ ସେଇଥିପାଇଁ କହୁଛି, ଏଗୁଡିକହେଲା ଆମର ମୂଳ ଦୁର୍ବଳତା । ସେଗୁଡିକ ଦୂର କରିବାର କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି, ଏହା ହିଁ ଏହି ପରିବର୍ଦ୍ଧିତ ରାଜ୍ୟ କମିଟି ମିଟିଂର ଉଦ୍ଦେଶ୍ୟ । ମୁଁ ଏସବୁ ବିଷୟ ଆପଣମାନଙ୍କ ସାମ୍ନାରେ କହିଲି ଏହି ପରିବର୍ଦ୍ଧିତ ସଭାରେ ସମସ୍ତେ ଶୁଣିଲେ, ଏହାପରେ ରାଜ୍ୟ କମିଟି ବସି ବା ଏକ୍‌ଜିକ୍ୟୁଟିଭ୍ ମାନେ ବସି ଯାହା ଯାହା ଆବଶ୍ୟକୀୟ ସେସବୁ ସ୍ଥିର କରିନେବେ । ପ୍ରତ୍ୟେକ ଜିଲ୍ଲା କମିଟି, ପ୍ରତ୍ୟେକ ଆଞ୍ଚଳିକ କମିଟି, ପ୍ରତ୍ୟେକ ଗଣସଂଗଠନର ବଡି, ଗୋଟିଏ ଧକ୍କାରେ କାମର ଷ୍ଟାଇଲ ପରିବର୍ତ୍ତନ କରିବେ, ଆଉ ପ୍ରତ୍ୟେକ ମୁଣ୍ଡ ଖେଳାଇବେ, ଚେଷ୍ଟା କରିବେ, ପ୍ରତ୍ୟେକ କିଭଳିଭାବେ କାମର ଷ୍ଟଇଲ୍ ବଦଳାଇ ପାରନ୍ତି । ବଡିଗୁଡିକର democratic & political functioning improve କରିପାରିବେ । ପ୍ରତ୍ୟେକଙ୍କୁ ଏହି ଶିକ୍ଷା ଦେବାକୁ ହେବଯେ, ତୁମର ରାଜନୈତିକ ସଚେତନତା ଓ ଉଦ୍ୟୋଗ ବଢାଅ । ପୁଣି ପ୍ରତ୍ୟେକଙ୍କୁ ବୁଝାଇଦେବାକୁ ହେବ ସେ କେଉଁଠି ଓ କିଭଳିଭଭବେ lack କରୁଛନ୍ତି । କର୍ମୀମାନଙ୍କ ସହିତ ଦେଖାହେଲେ ହିଁ ବହୁ କଥା ଭିତରେ ପଚାରିବାକୁ ହେବ ତୁମର ଯାହା କ୍ଷମତା ସେହି ଅନୁଯାୟୀ ଜନସାଧାରଣଙ୍କ ସହିତ ମିଶୁଛ କି ନାହିଁ, ଜନସାଧାରଙ୍କ ଭିତରକୁ ରାଜନୀତି ନେଇଯାଉଛ କି ନାହିଁ, ବିଭିନ୍ନ ଗଣସଂଗଠନ ଗଢି ତୋଳୁଛ କି ନାହିଁ, କେବଳ ଗୋଟିଏ ଧରଣର ଗଣସଂଗଠନ ନୁହେଁ, ଯେଉଁଠି ଯେଉଁମାନଙ୍କୁ ଯେଉଁଭଳିଭାବେ ସଂଗଠିତ କରାଯାଇପାରିବ, କ୍ଲବ, ଲାଇବ୍ରେରୀ, ସ୍ପୋର୍ଟ, ବ୍ୟାୟାମଗାର ହେଉ, ସଙ୍ଗୀତ, ନାଟକ, ସାହିତ୍ୟ ଗୋଷ୍ଠୀ ହେଉ, କୋଚିଂ ନାଇଟ୍ ସ୍କୁଲ ହେଉ, ଯେଉଁଭଳି କାମରେ ଲୋକଙ୍କୁ ଏକତ୍ରିତ କରାଯାଇପାରେ ନିଜ ଉଦ୍ୟୋଗରେ ତାହା ମୁଁ କରୁଛି କି ନାହିଁ, ନା ମୁଁ ସାର୍କୁଲାର ପାଇଁ ବସିଥାଏ, କିଏ ଯୋଗାଯୋଗ କରାଇଦେବେ ସେଥିପାଇଁ ବସିଥାଏ, ଅଥବା ମୁଁ ପାରିବି କି ନାହିଁ, ମୋ ଦ୍ୱାରା ହେବ କି ନାହିଁ– ଏହିସବୁ

କଥା ଭାବି ଭାବି ସମୟ ନଷ୍ଟ କରୁଛି । ଉଦ୍ୟୋଗ ବଢାଅ, ହେଉ ଭୁଲ ତଥାପି କାମ କର । ଭୁଲରୁ ଶିଖି ଆହୁରି ଆଗେଇ ଯାଅ । କିନ୍ତୁ କାହିଁକି ଭୁଲ ହେଲା, କାହିଁକି ଭୁଲ ହେଲାବୋଲି ଗାଲରେ ହାତ ଦେଇ ବସି ରୁହନାହିଁ । ସମୟ ନଷ୍ଟ କରନାହିଁ । ଏସବୁ କଥା କର୍ମୀମାନଙ୍କୁ ବୁଝାଇବାକୁ ହେବ । ମଣିଷକୁ ବୁଝାଇବାକୁ ହେବ, ଜୟ କରିବାକୁ ହେବ, ଯୁକ୍ତି ଦେଇ, ଭଦ୍ର ଓ ଶୁଶାଳୀନ ଆଚରଣ ଦେଇ, ଚରିତ୍ର ଦେଇ ଏସବୁ କଥା କର୍ମୀମାନଙ୍କୁ ଶିଖାଇବାକୁ ହେବ, ଆଉ ସେଥିପାଇଁ ପ୍ରୟୋଜନ ସଂଗଠନର ସ୍ତରେ ସ୍ତରେ ଏସବୁକୁ ନେଇ ବ୍ୟାପକ ଆଲୋଚନା, ଭ୍ରାନ୍ତ ଚିନ୍ତା ଭାବନା ଓ କର୍ମପଦ୍ଧତି ପରିବର୍ତ୍ତନ ପାଇଁ ବ୍ୟାପକ ଆନ୍ଦୋଳନର ବନ୍ୟା ।

ଆଜି ଏହିଠାରେ ଶେଷ କରୁଛି।

ଇନ୍‌କ୍ଲବ ଜିନ୍ଦାବାଦ୍

মূল্য সাত টঙ্কা

বিপ্লবীমানঙ্ক অভাব অনাটন, দুঃখ কষ্ট, নির্য্যাতনা যাহা দেখি সাধারণ মণিষ সেমানঙ্ক পাইঁ দুঃখ করন্তি, সেহি আপাতঃ দৃষ্ট দুঃখময় বিপ্লবী জীবনর নিরন্তর সংগ্রাম মধ্যরে লিপ্ত রহি, জণে বিপ্লবী যেউঁ শান্তি ও আনন্দ খোজিপাএ- সাধারণ মণিষ কোঠাবাডি, মটরগাডি, আরাম অয়স মধ্যরে তাহার সন্ধান খোজিপাআন্তি নাহিঁ ।

শিবদাস ঘোষ

এস্.য়ু.সি.আই(কম্যুনিষ্ট), ওডিশা রাজ্য কমিটি পক্ষরু ধূর্জটি দাসঙ্ক দ্বারা প্রকাশিত ও ক্রান্তি চেতনা প্রেস, ৬১, গঙ্গোত্রীনগর, রোড নং-৩, শিশুপালগড, ভুবনেশ্বর-২রু মুদ্রিত